
ଓଡ଼ିଶାର ବନ୍ୟପ୍ରାଣୀ
ସ୍ତନ୍ୟପାୟୀ

ସୃଜନିକା

ବାରିପାଖର ଜିନିଷରୁ ଶିକ୍ଷାର, ବିଶେଷ କରି ବିଜ୍ଞାନ ଶିକ୍ଷାର, ମୂଳଦୁଆ ପକାଇବା ସୃଜନିକାର ମୂଳ ଲକ୍ଷ୍ୟ । ବୈଜ୍ଞାନିକ ଦୃଷ୍ଟିକୋଣ ବଢ଼ାଇବା, ସୃଜନଶୀଳତାର ବିକାଶ କରିବା, ଏହାକୁ ନିଦିଦିନିଆ ଜୀବନ ସହ ଯୋଡ଼ିବା, ବିଜ୍ଞାନର ଅନୁଭୂତିକୁ ଉଦ୍ଦୀପନାମୂଳକ କରିବା ଏହାର ଉଦ୍ଦେଶ୍ୟ । ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆମର ଗୋଟିଏ ମୁଖ୍ୟ ମାଧ୍ୟମ ହେଉଛି ବିଭିନ୍ନ ପ୍ରକାଶନ, ଶିକ୍ଷକ କର୍ମଶାଳା ଓ ପିଲାଙ୍କ ଶିବିର ଆଦି । ପ୍ରକୃତି ସହ ସମ୍ପର୍କ ଯୋଡ଼ିବା ପାଇଁ ଆମର କିଛି ବିଶେଷ ପ୍ରକାଶନ ହେଉଛି:

୧. ପ୍ରକୃତି ପରଖ
୨. ପତ୍ରରୁ ଚିତ୍ର
୩. ପରିବେଶ ଓ ଆତ୍ମନିର୍ଭରଶୀଳତା
୪. ପରିବେଶ ଦର୍ପଣ
୫. ପଦେ ଛନ୍ଦେ ପରିବେଶ
୬. ଗଛବଇଦ
୭. **Exploring Nature,** (ବିଜ୍ଞାନ ପ୍ରସାର, ନୂଆଦିଲ୍ଲୀ)

ଓଡ଼ିଶାର ବନ୍ୟପ୍ରାଣୀ

ସ୍ତନ୍ୟପାୟୀ

ପୁଷ୍ପଶ୍ରୀ ପଟ୍ଟନାୟକ

ସୃଜନିକା
ଜାଗମରା, ଡାକ: ଖଣ୍ଡଗିରି
ଭୁବନେଶ୍ୱର ୭୫୧ ୦୩୦

ଓଡ଼ିଶାର ବନ୍ୟପ୍ରାଣୀ - ସ୍ତନ୍ୟପାୟୀ

Wildlife of Orissa - Mammals

ରଚନା
ପୁଷ୍ପଶ୍ରୀ ପଟ୍ଟନାୟକ

ମୁଦ୍ରଣ
ଶୋଭନ
୧୦୬, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର ୭୫୧ ୦୧୩

ପ୍ରକାଶକ
ସୃଜନିକା
ଜାଗମରା, ଡାକ - ଖଣ୍ଡଗିରି
ଭୁବନେଶ୍ୱର ୭୫୧ ୦୩୦
ଫୋନ୍: (୦୬୭୪) ୨୩୫୦ ୬୬୪

Author
Puspashree Pattnaik

Printing
Shovan
106, Acharya Bihar
Bhubaneswar 751 013

Publisher
SRUJANIKA
Jagamara, PO: Khandagiri
Bhubaneswar 751 030
Telephone: (0674) 2350 664

ସ୍ୱତ୍ୱାଧିକାର - ସୃଜନିକା ୨୦୦୫

© 2005 Srujanika

ପ୍ରଥମ ସଂସ୍କରଣ: ଅଗଷ୍ଟ ୨୦୦୫

ମୂଲ୍ୟ: ୫୨୫.୦୦ (ପଚିଶ ଟଙ୍କା)

First Edition: **August 2005**

Price: **Rs.25.00 (Twentyfive rupees)**

ଭୂମିକା

ପ୍ରାକୃତିକ ସମ୍ପଦରେ ଭରା ଓଡ଼ିଶାରେ ରହିଛି ଘଞ୍ଚ ଜଙ୍ଗଲ, ପାହାଡ଼, ଉପତ୍ୟକା, ହ୍ରଦ, ଝରଣା, ନଈ ଓ ସମୁଦ୍ର । ଏଥିରେ ପୁଣି ରହିଛି ଅନେକ ଜାତିର ଉଦ୍ଭିଦ ଓ ପ୍ରାଣୀ । ଏତେ ସମ୍ପଦରେ ଭରା ଆମର ଏହି ରାଜ୍ୟର ଜୀବଜନ୍ତୁଙ୍କ କଥା ଚିନ୍ତା କଲେ ବାଘ, ଭାଲୁ, ହାତୀ ଭଳି ବଡ଼ ଜୀବଙ୍କ ଛଡ଼ା ଆଉ କେହି ପ୍ରାୟ ମନକୁ ଆସନ୍ତି ନାହିଁ । କିନ୍ତୁ ଏଠି ଅଛନ୍ତି ୧୯୮ ଜାତିର ଉଭୟଚର, ୧୧୦ ଜାତିର ସରୀସୃପ, ୪୭୩ ଜାତିର ପକ୍ଷୀ ଓ ୮୬ ଜାତିର ସ୍ତନ୍ୟପାୟୀ ଜୀବ ।

ଏତେ ପରିମାଣର ପ୍ରାଣୀ ରହିବା ପାଇଁ ପୁଣି ସେଇ ପରିମାଣର ଜଙ୍ଗଲ ଦରକାର । ୧୯୯୦-୯୧ ମସିହା ବେଳକୁ ଓଡ଼ିଶାର ପ୍ରାୟ ୩୬.୭ ଭାଗ ଅଞ୍ଚଳ ଜଙ୍ଗଲ ଥିଲା । ଏଭିତରୁ ଘଞ୍ଚ ଜଙ୍ଗଲ ଥିଲା ମାତ୍ର ୧୫.୫ ଭାଗ । କିନ୍ତୁ ୧୫ ବର୍ଷ ଭିତରେ ଏହାର ପରିମାଣ ଆହୁରି କମି ଯାଇଛି । ଯାହା ବି ଜଙ୍ଗଲ ରହିଛି ତା'ର ସ୍ୱାସ୍ଥ୍ୟ ଖରାପ ହୋଇଚାଲିଛି । ଜଙ୍ଗଲ କମିବା ସହିତ ଜଙ୍ଗଲୀ ଜୀବଙ୍କର ଖାଦ୍ୟ, ଘର ମଧ୍ୟ କମୁଛି । ତେଣୁ ସେମାନଙ୍କ ଭିତରୁ କିଛି ନୂଆ ପରିସ୍ଥିତି ସହ ନିଜର ଚଳଣିକୁ ଖାପ ଖୁଆଇ ନପାରି ଲୋପ ପାଇଯାଉଛନ୍ତି ।

ମଣିଷର ଲୋଭ ଓ ସଉକ କେତେ ବନ୍ୟପ୍ରାଣୀଙ୍କୁ ଲୋପ କରିବାରେ ଲାଗିଛି । ମାଂସ, ଚମ, ଦାନ୍ତ ବା

ଶିଂଘ ଆଦି ପାଇଁ ସେମାନେ ମଣିଷର ଶିକାର ହେଉଛନ୍ତି । ଆଉ କେତେ ପ୍ରାଣୀ ଖାଦ୍ୟ ପାଇଁ ଜଙ୍ଗଲ ପାଖ ଜନବସତିକୁ ମାଡ଼ି ଆସି ମଣିଷ ଓ ତା'ର ଗୃହପାଳିତ ଜୀବ ବା ଫସଲ ପ୍ରତି ବିପଦ ଆଣୁଛନ୍ତି । ଏଥି ଯୋଗୁ ମଧ୍ୟ ମଣିଷ ତାଙ୍କୁ ମାରିବାକୁ ଚେଷ୍ଟା କରୁଛି ।

ଆମକୁ କିନ୍ତୁ ବୁଝିବାକୁ ହେବ ଯେ ସାରା ଜୀବଜଗତ ଭିତରେ ଏକ ଅଦୃଶ୍ୟ ସୂକ୍ଷ୍ମ ସମ୍ପର୍କ ସମସ୍ତଙ୍କୁ ସମସ୍ତଙ୍କ ସହିତ ବାନ୍ଧି ରଖିଛି । ପରିବେଶକୁ ସନ୍ତୁଳିତ ରଖି ମଣିଷକୁ ବଞ୍ଚାଇ ରଖିବାରେ ମଧ୍ୟ ଜୀବଜନ୍ତୁଙ୍କର କିଛି ଭୂମିକା ରହୁଛି । ସାଧାରଣ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଜୀବଜନ୍ତୁଙ୍କ ସ୍ଥାନ ବେଶ୍ ଉଚ୍ଚରେ । ଶିକାରୀ ବାଘର ଚିତ୍ର ଯେତିକି ଭୀତିପ୍ରଦ, ଛୁଆ ଖେଳାଉଥିବା ବାଘୁଣୀର ଚାହାଣି ସେତିକି ନରମ । ଆଜି କିନ୍ତୁ ଖାଲି ଶିକାରୀ ବାଘ ନୁହେଁ, ସୁନ୍ଦର ଓ ନିରୀହ ବାଲିହରିଣ ବା ବାରଶିଂଘା ମଧ୍ୟ ଲୋପ ପାଇବାକୁ ବସିଲେଣି । ଏମାନଙ୍କ ସୁରକ୍ଷା କଥା ଏବେଠାରୁ ଚିନ୍ତା ନକଲେ ଚିତା ଭଳି ଅନେକ ସୁନ୍ଦର ଜୀବ କେବଳ ବହି ଭିତରେ ହିଁ ରହିଯିବେ ।

ସୁରକ୍ଷା ବ୍ୟବସ୍ଥାର ଅନେକ ଦିଗ ରହିଛି । ସେଥିରୁ ଗୋଟିଏ ହେଉଛି ଜୀବଜନ୍ତୁଙ୍କ ପ୍ରତି ମଣିଷ ମନରେ ଆଗ୍ରହ, ଦରଦ ଓ ଆଦର ସୃଷ୍ଟି କରାଇବା । ପିଲା ଓ ସାଧାରଣ ମଣିଷଙ୍କ ଭିତରେ ଏଭଳି ଚିନ୍ତା ସୃଷ୍ଟି କରାଇ ପାରିଲେ ତାହା ବିଶେଷ ଫଳପ୍ରଦ ହେବ । ପିଲାଙ୍କ ପାଇଁ ଏହାର ମୂଲ୍ୟ ଆହୁରି ବେଶି । ସେମାନଙ୍କୁ ଜଣେ ଜଣେ ଦରଦୀ ମଣିଷ ଭାବରେ ଗଢ଼ିବାରେ ତ ଏହା ନିଶ୍ଚୟ ସାହାଯ୍ୟ କରିବ । ତା'ଛଡ଼ା ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଏହି ଆଗ୍ରହ ସେମାନଙ୍କୁ ପ୍ରକୃତିର ଅନ୍ୟ ସବୁ ଦିଗ ପ୍ରତି

ସଚେତନ ଓ ସମ୍ବେଦନଶୀଳ ମଧ୍ୟ କରାଇବ । ଏହା ହେଉଛି ଏହି ବହିଟିର ଲକ୍ଷ୍ୟ । ଏକ ସାଧାରଣ ସୂଚନା ଉତ୍ସ ଭାବରେ ବା ଚିଡ଼ିଆଖାନା-ସାଥୀ ବହି ଭାବରେ ହିଁ ଏହା ଉପାଦେୟ ହୋଇ ପାରିବ ।

ଓଡ଼ିଶାରେ ଦେଖା ଯାଉଥିବା ସ୍ତନ୍ୟପାୟୀଙ୍କ ଭିତରେ ମୁଖ୍ୟ ହେଉଛନ୍ତି ସମ୍ବର, ବାରଶିଂଘା, ହରିଣ, କୁଟୁରା, ଗୁରାଣ୍ଡି, ନୀଳଗାଇ, ଚୌଶିଂଘା, ବାଲିହରିଣ, ଗଧିଆ, ଗୟଳ, ଅରଣା ମଇଁଷି, ବାଘ, ଭାଲୁ, ହାତୀ, ଝିଙ୍କ ଆଦି ଅନେକ ଜୀବ । ଏମାନଙ୍କ ଭିତରୁ କିଛି ଜୀବଙ୍କ ବିଷୟରେ ଏହି ବହିରେ ରହିଛି । ଏମାନଙ୍କ ଛଡ଼ା ଅଜଗର, ଅହିରାଜ, ନାଗ, ଚିତି ଭଳି ଅନେକ ଜାତିର ସାପ ଏବଂ କୁମ୍ଭୀର, କଇଁଚ, ବେଙ୍ଗ ଓ ପକ୍ଷୀ ଭଳି ଅନ୍ୟ ପ୍ରାଣୀମାନେ ମଧ୍ୟ ଆମ ଚାରିପାଖେ ଅଛନ୍ତି । କେତେ ଜାତିର ପକ୍ଷୀ ଶୀତଦିନେ ଦୂରଦେଶରୁ ଆସି ଚିଲିକା, ଭିତରକନିକା ଆଦି ଆଞ୍ଚଳରେ ଅଣ୍ଡା ଦେଇ ପୁଣି ତାଙ୍କ ମୂଳ ଘରକୁ ଫେରି ଯାଆନ୍ତି । ସେହିଭଳି ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ ରିଡଲେ କଇଁଚ ଅଣ୍ଡା ଦେବା ପାଇଁ କାହିଁ କେତେ ଦୂରରୁ ଓଡ଼ିଶାର ଉପକୂଳକୁ ଆସନ୍ତି । ଏହି ସବୁ ପ୍ରାଣୀଙ୍କ ବିଷୟରେ ବହୁତ ଆଗ୍ରହର କଥା ରହିଛି । ଅନେକ କିଛି ଅଜଣା ମଧ୍ୟ ରହିଛି ।

ଏବେ ଆମେ ସ୍ତନ୍ୟପାୟୀ ଜୀବମାନଙ୍କ ବିଷୟରେ ଦେଖିବା । ଆଶା କରୁଛୁ ସମୟକ୍ରମେ ଅନ୍ୟ ପ୍ରାଣୀମାନଙ୍କ ବିଷୟରେ ଏହିଭଳି ବହିମାନ ଆମେ ଆପଣମାନଙ୍କ ପାଖରେ ପହଞ୍ଚାଇ ପାରିବୁ । ତାହା କିନ୍ତୁ ନିର୍ଭର କରିବ ପାଠକମାନଙ୍କ ଆଗ୍ରହ ଏବଂ କର୍ମୀମାନଙ୍କର ଉତ୍ସାହ ଉପରେ । ଏ ବିଷୟରେ ସମସ୍ତଙ୍କ ମତାମତ ଓ ସହଯୋଗ ଅପେକ୍ଷାରେ ରହିଲୁ ।

ସୃଜନିକା ପରିବାର

ସହାୟକ ଗ୍ରନ୍ଥସୂଚୀ

ଏହି ବହିଟିର ପ୍ରସ୍ତୁତିରେ ସହାୟକ ହୋଇଥିବା ମୁଖ୍ୟ ବହିଗୁଡ଼ିକ ହେଲେ:

1. *The Book of Indian Animals*, S. H. Prater, Bombay Natural History Society (BNHS), Mumbai, 1971.
2. *Threatened Animals of India*, B. K. Tikader, Zoological Survey of India, Kolkata, 1983.
3. *Wildlife Wealth of Orissa*, Forest Department, Govt. of Orissa, Bhubnaeswar, 1996.
4. *Encyclopedia of Indian Natural History*, Bombay Natural History Society (BNHS), Mumbai, 1989.
5. *A Field Guide in Colour to Animal World*, J. Zahradnik & J. Cihar, Blitz Editions, UK, 1998.
6. Booklet on Nandankanan Zoological Park, Bhubaneswar.

ବନ୍ୟପ୍ରାଣୀଙ୍କ ବିଷୟରେ ବେଶ୍ ଅଧିକ ତଥ୍ୟ ଏହି ସବୁଥିରୁ ମିଳି ପାରିବ ।

ଏହି ବହି ପାଇଁ ଚିତ୍ରଗୁଡ଼ିକ ମୁଖ୍ୟତଃ ପ୍ରଥମ (ପ୍ରେଟର) ଗ୍ରନ୍ଥ ଉପରେ ଆଧାରିତ ।

ସୂଚୀପତ୍ର

୧· ସମ୍ବର	୧୦	୧୩· ବଳିଆ କୁକୁର	୩୪
୨· ବାରଶିଂଘା	୧୨	୧୪· ବିଲୁଆ	୩୬
୩· ହରିଣ	୧୪	୧୫· କୋଲିଶିଆଳି	୩୮
୪· କୁଟୁରା	୧୬	୧୬· ବାଘ	୪୦
୫· ଗୁରାଣ୍ଡି	୧୮	୧୭· କଲରାପତରିଆ ବାଘ	୪୨
୬· ନୀଳଗାଈ	୨୦	୧୮· ମାଛରଙ୍କା ବିରାଡ଼ି	୪୪
୭· ଚୌଶିଂଘା	୨୨	୧୯· ବଣଭୂଆ	୪୬
୮· ବାଲିହରିଣ	୨୪	୨୦· ଚିତା ବିରାଡ଼ି	୪୮
୯· ଗୟଳ	୨୬	୨୧· କାରାକାଲ୍	୫୦
୧୦· ଅରଣା ମଇଁଷି	୨୮	୨୨· ଧୋଟା ବାଘ	୫୨
୧୧· ବାରହା	୩୦	୨୩· ଜଳା ଲାଞ୍ଜୁଡିଆ ନେଉଳ	୫୪
୧୨· ଗଧିଆ	୩୨	୨୪· ନେଉଳ	୫୬

୨୫· ଗାଡ଼ ଭାଲୁ ୫୮
୨୬· ପାଣି ଓଧ ୬୦
୨୭· ଭାଲୁ ୬୨
୨୮· ଶାଳିଆପତିନୀ ୬୪
୨୯· ବଡ଼ ଶାଳିଆପତିନୀ ୬୬
୩୦· ତାଳି ଓଧ ୬୮
୩୧· ଠେକୁଆ ୭୦
୩୨· ବଣ ଚୁଚୁନ୍ଦ୍ରା ୭୨
୩୩· ଚୁଚୁନ୍ଦ୍ରା ୭୪
୩୪· ହନୁ ମାଙ୍କଡ଼ ୭୬
୩୫· ପାତି ମାଙ୍କଡ଼ ୭୮
୩୬· ଗୋଲାଞ୍ଜି ମାଙ୍କଡ଼ ୮୦
୩୭· ହାତୀ ୮୨
୩୮· ନେପାଳୀ ମୂଷା ୮୪
୩୯· ଉଡ଼ନ୍ତା ଗୁଣ୍ଡୁଚି ୮୬
୪୦· ଗୁଣ୍ଡୁଚି ମୂଷା ୮୮
୪୧· ଝିଙ୍କ ୯୦
୪୨· ବିଲ ମୂଷା ୯୨
୪୩· ଘରେଇ ମୂଷା ୯୩
୪୪· ମାଟିଆ ମୂଷା ୯୪
୪୫· ଚୁଟିଆ ମୂଷା ୯୬
୪୬· ଚାଳୁଆ ମୂଷା ୯୮
୪୭· ଜଙ୍ଗଲୀ ମୂଷା ୧୦୦
୪୮· ବଜ୍ରକାଣ୍ଡା ୧୦୨
୪୯· ବାଦୁଡ଼ି ୧୦୪
୫୦· ଡେମେଣୀ ୧୦୬
୫୧· ଛୋଟନାକ ବାଦୁଡ଼ି ୧୦୮
୫୨· ହଳଦିଆ ବାଦୁଡ଼ି ୧୧୦

ପରିଚିତି ଅପେକ୍ଷାରେ · · ·



ରାଜ୍ୟ ପ୍ରାଣୀ ସମ୍ବର

ସମ୍ବର

ଇଂରାଜୀ ନାମ: *ସମ୍ବର୍* **ବିଜ୍ଞାନ ନାମ:** *କର୍ଭସ୍ ୟୁନିକଲର୍ ନାଇଜର୍ ବ୍ରୁନ୍‌ଭିଲ୍*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ, ବିଶେଷ କରି ପାହାଡ଼ିଆ ଜଙ୍ଗଲରେ, ଭିତରକନିକାର ହେନ୍ତାଳ ବଣରେ ଅଳ୍ପ ସଂଖ୍ୟାରେ ।

କ'ଣ ଖାଏ: ଘାସ, ପତ୍ର ଓ ବିଭିନ୍ନ ବଣୁଆ ଫଳ **ସ୍ଥିତି:** ବିପଦମୁକ୍ତ

ହରିଣମାନଙ୍କ ଭିତରେ ଆକାରରେ ଏହା ସବୁଠାରୁ ବଡ଼ । ଏହାର ଉଚ୍ଚତା ପ୍ରାୟ ୧୫୦ ସେ·ମି· ଓ ଓଜନ ୨୨୫ରୁ ୩୨୦ କେ·ଜି· । ମୁଣ୍ଡ ଉପରର ଶିଂଘର ଲମ୍ବା ପ୍ରାୟ ୬୫ ସେ·ମି· । ଦେହର ରଙ୍ଗ ହଳଦିଆ ମିଶା ମାଟିଆ ଓ ପେଟ ପାଖ ଫିକା ରଙ୍ଗର ହୋଇଥାଏ । ମାଇ ସମ୍ବରର ରଙ୍ଗ ଅଣ୍ଡିରା ସମ୍ବରଠାରୁ ଫିକା ହୋଇଥାଏ । ଅଣ୍ଡିରା ସମ୍ବରର ବେକ ପାଖରେ ଲମ୍ବା ବାଳ ଥାଏ । କିନ୍ତୁ ଖରାଦିନେ ଅଧିକାଂଶ ବାଳ ଝଡ଼ିଯାଏ । ଶିଂଘ ବେଶ୍ ଶକ୍ତ, କିନ୍ତୁ ଆବୁଡ଼ା ଖାବଡ଼ା ।

ଏମାନେ ରାତ୍ରିରେ ଖାଆନ୍ତି ଓ ଦିନବେଳେ ଘଞ୍ଚ ଜଙ୍ଗଲରେ ଲୁଚି ରହନ୍ତି । ସନ୍ଧ୍ୟା ଆଗରୁ ବାହାରନ୍ତି ନାହିଁ । ଏମାନଙ୍କର ଶୁଣିବା ଓ ଶୁଂଘିବା ଶକ୍ତି ଅତି ପ୍ରଖର । ଘଞ୍ଚ ଜଙ୍ଗଲରେ ଏମାନେ ବିନା ଶବ୍ଦରେ ଚାଲବୁଲ କରିପାରନ୍ତି । ମାର୍ଚ୍ଚ ଶେଷରୁ ଏପ୍ରିଲ ମଝି ଭିତରେ ଅଣ୍ଡିରା ସମ୍ବରର ଶିଂଘ ଖସିଯାଏ । ମେ



ମାସରେ ପୁଣି ଥରେ ଶିଂଘ ବଢ଼ିବାକୁ ଆରମ୍ଭ କରେ ଓ ସେତେବେଳେ ଏହା ବେଶ୍ ଚିକ୍କଣ ଥାଏ । ନଭେମ୍ବର ବେଳକୁ ଏହା ପୁଣି ଆବଡ଼ା ଖାବଡ଼ା ହୋଇଯାଏ ।

ଅଣ୍ଡିରା ସମ୍ବର ତା'ର ନିଜ ଅଞ୍ଚଳ ପାଇଁ ଝଗଡ଼ା କରେ । ନଭେମ୍ବର ଡିସେମ୍ବର ମାସରେ ସେମାନଙ୍କର ମିଳନ ହୁଏ । ଗୋଟିଏ ଅଣ୍ଡିରା ପାଖରେ ଅଳ୍ପ ମାଇ ସମ୍ବର ଥା'ନ୍ତି । ମିଳନ ପରେ ଅଣ୍ଡିରା ଚାଲିଯାଇ ଆସନ୍ତା ମିଳନ ସମୟ ଯାଏଁ ଏକା ରହେ । ମେ ଜୁନ ବେଳକୁ ବର୍ଷା ଆରମ୍ଭ ହେଲେ ଛୁଆ ଜନ୍ମ ହୁଏ । ଗୋଟିଏ ଦଳରେ ମାତ୍ର ୪-୫ଟି ସମ୍ବର ରହନ୍ତି । ମାଇ ଅଣ୍ଡିରା ପ୍ରାୟ ଏକା ଏକା ରହନ୍ତି । ବେଳେ ବେଳେ ମାଇ ସମ୍ବର ସହ ଛୁଆ ଏକାଠି ଥିବାର ଦେଖାଯାଏ । ଏମାନଙ୍କ ସାଙ୍ଗରେ କିନ୍ତୁ ଅଣ୍ଡିରା ସମ୍ବର ରହେନାହିଁ ।

ବାରଶିଂଘା


ଇଂରାଜୀ ନାମ: *ସ୍ୱାମ୍ପ ଡିଅର୍* **ବିଜ୍ଞାନ ନାମ:** *କର୍ଭସ୍ ଡୁଭାସେଲି କୁଭିଅର୍*

କେଉଁଠି ଦେଖାଯାଏ: ନୂଆପଡ଼ାର ଖରିଆର ଏବଂ ବରଗଡ଼ ଜିଲ୍ଲାର ପଦମପୁର ଅଞ୍ଚଳରେ ଦେଖା ଯାଉଥିଲା । ଏବେ ଏମାନେ ଦେଖା ଯାଉଛନ୍ତି କି ନାହିଁ ସଠିକ ଜଣାନାହିଁ

କ'ଣ ଖାଏ: ଘାସ, ପତ୍ର **ସ୍ଥିତି:** ବିପନ୍ନ

ବୟସ୍କ ବାରଶିଂଘାର ଉଚ୍ଚତା ପ୍ରାୟ ୧୩୫ ସେ·ମି· ଓ ଓଜନ ୧୭୦-୧୮୦ କେ·ଜି· । ଶିଂଘର ଲମ୍ବ ପ୍ରାୟ ୭୫ ସେ·ମି· । ଦେହର ରଙ୍ଗ ହଳଦି ମିଶା ମାଟିଆ ଓ ବେଶ୍ ଚିକ୍କଣ । ଅଣ୍ଡିରା ହରିଣ ଗାଢ଼ ରଙ୍ଗର ହୋଇଥାଏ ଓ ତା'ର ବେକରେ କେଶର ଦେଖାଯାଏ । କେତେକଙ୍କ ଦେହରେ ଅସ୍ପଷ୍ଟ ଛାପ ଥାଏ । ଏହି ହରିଣଙ୍କ ଛୁଆଙ୍କ ଦେହରେ ଏହି ଦାଗଗୁଡ଼ିକ ପୂରା ଦେଖାଯାଏ । ଏମାନଙ୍କ ଶିଂଘରେ ସାଧାରଣତଃ ୧୨ଟି ଶାଖା ଥାଏ । କିନ୍ତୁ ତାହା ୨୦ ଯାଏଁ ହୋଇପାରେ ।

ଜଙ୍ଗଲ ପାଖ ଘାସ ପଡ଼ିଆରେ ଏମାନେ ରହନ୍ତି । ଏମାନେ ବହୁତ ଖାଆନ୍ତି । ରାତି ଅପେକ୍ଷା ଦିନରେ ବେଶି ବାହାରନ୍ତି ଓ ସକାଳେ ସନ୍ଧ୍ୟାରେ ଖାଆନ୍ତି । ଏମାନଙ୍କର ଶୁଂଘିବା ଶକ୍ତି ବେଶ୍ ପ୍ରଖର, କିନ୍ତୁ ଦେଖିବା ଓ ଶୁଣିବା ଶକ୍ତି ସାଧାରଣ ।



ବିପଦର ସୂଚନା ପାଇଲେ ଏମାନଙ୍କର ପୂରା ଦଳଟି ଏକା ସାଙ୍ଗରେ ସରୁ ସ୍ୱରରେ ବୋବାନ୍ତି ଓ ଦୌଡ଼ି ପଳାନ୍ତି । ଦୌଡ଼ିବା ବେଳେ ବି ସେମାନେ ସେହିଭଳି ବୋବାଉଥା'ନ୍ତି ।

ମିଳନ ଋତୁ ଆସିବା ଯାଏଁ ସେମାନେ ଦଳରେ ରହନ୍ତି । ଗୋଟିଏ ଦଳରେ ପଚାଶରୁ ଶହେ ଯାଏଁ ହରିଣ ଥା'ନ୍ତି । ଛୁଆ ମା'ପେଟରେ ଛଅ ମାସ ଯାଏଁ ବଢ଼େ । ଥରକେ ସାଧାରଣତଃ ଗୋଟିଏ ଛୁଆ ଜନ୍ମ ହୁଏ ।

ହରିଣ (ଚିତଳ)

ଇଂରାଜୀ ନାମ: *ଷ୍ପଟେଡ୍ ଡିଅର୍* **ବିଜ୍ଞାନ ନାମ:** *ଆକ୍ସିସ୍ ଆକ୍ସିସ୍ ଏର୍ଷ୍ଟଲେବେନ୍*

କେଉଁଠି ଦେଖାଯାଏ: ବ୍ରାହ୍ମଣୀ-ବୈତରଣୀ ତ୍ରିକୋଣଭୂମିର ହେନ୍ତାଳ ବଣ ସମେତ ଓଡ଼ିଶାର ସବୁ ଅଞ୍ଚଳରେ


କ'ଣ ଖାଏ: ପତ୍ର, ଡାଳ, ଘାସ **ସ୍ଥିତି:** ବିପଦମୁକ୍ତ

ଉଚ୍ଚତା ପ୍ରାୟ ୯୦ ସେ·ମି· ଓ ଓଜନ ପ୍ରାୟ ୮୫ କେ·ଜି· । ଏହାକୁ ଚିତଳ ବି କୁହାଯାଏ । ସବୁ ହରିଣଙ୍କ ଭିତରେ ଚିତଳ ସବୁଠାରୁ ସୁନ୍ଦର । ଏମାନଙ୍କ ଲାଲ ମିଶା ହଳଦି ରଙ୍ଗ ଉପରେ ଧଳା ଛିଟ ଖୁବ ସୁନ୍ଦର ଦେଖାଯାଏ । ଏହି ଛିଟ ଦାଗ ସବୁ ବୟସର ହରିଣଙ୍କ ଦେହରେ ସବୁ ଋତୁରେ ଦେଖାଯାଏ ।

୧୦-୩୦ଟି ହରିଣ ଏକାଠି ଦଳ ହୋଇ ରହନ୍ତି ଓ ପ୍ରତି ଦଳରେ ୨-୩ଟି ଅଣ୍ଡିରା ହରିଣ ଥା'ନ୍ତି । ଏମାନେ ସକାଳେ ଓ ସନ୍ଧ୍ୟାରେ ଚରନ୍ତି, ଦିନବେଳେ ବିଶ୍ରାମ ନିଅନ୍ତି । ହରିଣ ପଲ ପାଖ ଗାଁ'ର ଖେତ ବାଡ଼ିକୁ ପଶିଆସନ୍ତି । ଅନେକ ସମୟରେ ଏମାନେ ଅନ୍ୟ ଯନ୍ତୁଙ୍କ ସାଙ୍ଗରେ, ବିଶେଷ କରି ମାଙ୍କଡ଼ଙ୍କ ସାଙ୍ଗରେ, ବୁଲନ୍ତି ।

ଓଡ଼ିଶାର ଅଣ୍ଡିରା ହରିଣ ଅଗଷ୍ଟ ସେପ୍ଟେମ୍ବର ବେଳକୁ ତା'ର ଶିଂଘ ଖସାଇଦିଏ । ନୂଆ ଶିଂଘ

ବାହାରିଲା ବେଳକୁ ଡିସେମ୍ବର ମାସ ହୋଇଯାଏ । କିନ୍ତୁ ବର୍ଷର ସବୁ ସମୟରେ ଦଳରେ ବିଭିନ୍ନ ଆକାରର ଶିଂଘ ଦେଖିବାକୁ ମିଳିଥାଏ । ମେ ମାସରେ ଏମାନଙ୍କର ମିଳନ ହୁଏ । ଏହି ସମୟରେ ଅଣ୍ଡିରା ହରିଣ ଅନ୍ୟମାନଙ୍କ ସହ ଲଢ଼େଇ କରେ । ଥରକୁ ମାତ୍ର ଗୋଟିଏ ଛୁଆ ଜନ୍ମ ହୁଏ । ମାଇ ହରିଣ ଛଅମାସ ଛଡ଼ାରେ ପୁଣି ଥରେ ଛୁଆ ଦିଏ ।



କୁଟୁରା

ଇଂରାଜୀ ନାମ: *ବାର୍‌କିଙ୍ଗ ଡିଅର୍* **ବିଜ୍ଞାନ ନାମ:** *ମୁଣ୍ଟିଆକସ୍ ମୁଣ୍ଟଜାକ୍* ଲାଇଡିକର୍

କେଉଁଠି ଦେଖାଯାଏ: ଓଡ଼ିଶାର ପାହାଡ଼ିଆ ଜଙ୍ଗଲରେ

କ'ଣ ଖାଏ: ଘାସ, ପତ୍ର ଓ ବିଭିନ୍ନ ବଣୁଆ ଫଳ **ସ୍ଥିତି:** ବିପଦମୁକ୍ତ

ଉଚ୍ଚତା ୫୦-୭୦ ସେ.ମି., ଓଜନ ୨୨-୨୩ କେ.ଜି. । ଶିଂଘ ଛୋଟ, ଲମ୍ବାରେ ୮-୧୦ ସେ.ମି. । ଦେହର ରଙ୍ଗ ମାଟିଆ । ଏମାନଙ୍କର ଉପର ମାଢ଼ିର ଛେଦନ ବା *କାନାଇନ* ଦାନ୍ତ ବଡ଼ ଥାଏ । ସେମାନେ ଏହାକୁ ଶତ୍ରୁ ଆକ୍ରମଣ ବେଳେ କାମରେ ଲଗାନ୍ତି ।

କୁଟୁରାମାନେ ସାଧାରଣତଃ ଯୋଡ଼ି ହୋଇ ରହନ୍ତି । ଏକେଲା ବା ଛୋଟ ଦଳରେ ରହୁଥିବା କୁଟୁରା ମଧ୍ୟ ଦେଖିବାକୁ ମିଳେ । କିନ୍ତୁ ଏମାନେ ବଡ଼ ଦଳରେ ପ୍ରାୟ ରହନ୍ତି ନାହିଁ । ଏମାନେ ଘଞ୍ଚ ଜଙ୍ଗଲ ଭିତରେ ରହନ୍ତି, କିନ୍ତୁ ଜଙ୍ଗଲ ଧାରକୁ ଚରିବାକୁ ଆସନ୍ତି । ପ୍ରାୟ ଦିନବେଳେ ହିଁ ସେମାନେ ଖାଆନ୍ତି ।

ସାଧାରଣତଃ ସକାଳେ ଓ ସନ୍ଧ୍ୟାବେଳେ ସେମାନେ କୁକୁର ଭଳି ବୋବାନ୍ତି । ମଝିରେ ମଝିରେ ମଧ୍ୟ ସେମାନେ ଏଭଳି ବୋବାଉଥା'ନ୍ତି । ବିପଦର ସୂଚନା ପାଇଲେ ସେମାନେ ଲାଗ ଲାଗ ଅନେକ ଥର ଭୁଜିଚାଲନ୍ତି ।

ଥରକେ ଗୋଟିଏ ବା ଦୁଇଟି ଛୁଆ ଜନ୍ମ ହୁଅନ୍ତି । ମିଳନ ସାଧାରଣତଃ ଶୀତଦିନେ ହୁଏ ଏବଂ ବର୍ଷାଦିନ ଆରମ୍ଭରେ ଛୁଆ ଜନ୍ମ ହୁଏ । ମେ-ଜୁନ ମାସରେ କୁଟୁରାର ଶିଂଘ ଖସିପଡ଼େ ।



ଗୁରାଣ୍ଡି

ଇଂରାଜୀ ନାମ: *ମାଉସ୍ ଡିଅର୍* **ବିଜ୍ଞାନ ନାମ:** *ଟ୍ରାଗୁଲସ୍ ମେମିନା ଏର୍ଷ୍କଲେବେନ୍*

କେଉଁଠି ଦେଖାଯାଏ: ଶିମିଳିପାଳ, ସାତକୋଶିଆ, ଉଷାକୋଠୀ, ବଡ଼ରମା, କୋଟଗଡ଼, କପିଳାସ ଆଦି ସଂରକ୍ଷିତ ଅଞ୍ଚଳରେ


କ'ଣ ଖାଏ: ଘାସ, ପତ୍ର ଓ ବିଭିନ୍ନ ବଣୁଆ ଫଳ **ସ୍ଥିତି:** ବିପନ୍ନ

ଉଚ୍ଚତା ୨୫-୩୦ ସେ·ମି· । ଦେହର ରଙ୍ଗ ସବୁଜ ମିଶା ମାଟିଆ ଓ ସେଥିରେ ହଳଦିଆ ଦାଗ ଥାଏ । ସେଥିପାଇଁ ଜଙ୍ଗଲରେ ଗୁରାଣ୍ଡି ସହଜରେ ଜଣାପଡ଼େ ନାହିଁ । ଏହାର ଦେହ ସାରା ଧଳା ପଟା ପଟା ଦାଗ ଥାଏ । ବେକ ପାଖରେ ମଧ୍ୟ ତିନୋଟି ଧଳା ଗାର ପଡ଼ିଥାଏ ।

କୁଟୁରା ଭଳି ଏହାର ମଧ୍ୟ ଛେଦନ ଦାନ୍ତ ଆଗକୁ ବାହାରିଥାଏ । ଏମାନଙ୍କର ଗୋଡ଼ଗୁଡ଼ିକ ସରୁ ଓ ଲମ୍ବା । ପ୍ରତି ଗୋଡ଼ରେ ଚାରିଟି କରି ଆଙ୍ଗୁଠି ବେଶ୍ ବିକଶିତ ହୋଇଥାଏ । ଘାସ ଛଙ୍ଗା ପଥର ସନ୍ଧିରେ ଏମାନେ ରହନ୍ତି । ସାଧାରଣତଃ ସକାଳେ ଓ ସନ୍ଧ୍ୟାରେ ଏମାନେ ଖାଇବା ପାଇଁ ବାହାରନ୍ତି । ଗୁରାଣ୍ଡି ବହୁତ ଡରକୁଳା ପ୍ରକୃତିର । ଖୋଲାରେ ଏମାନେ ବେଶୀ ବାଟ ଯାଆନ୍ତି ନାହିଁ । ବିପଦର ଆଶଙ୍କା ଆସିଲେ ଡିଆଁ ମାରି ଖୋଲରେ ପଶିଯା'ନ୍ତି ।

ମିଳନ ସମୟ ଛଡ଼ା ଅନ୍ୟ ସମୟରେ ଅଣ୍ଡିରା ଗୁରାଣ୍ଡି ଏକା ରହେ । ବର୍ଷାଦିନ ପରେ ବା ଶୀତ ଆରମ୍ଭରେ ଗୁରାଣ୍ଡି ଥରକେ ସାଧାରଣତଃ ଦୁଇଟି ଛୁଆ ଜନ୍ମ କରେ । ସେମାନଙ୍କର ରହିବା ଖୋଲ ଭିତରେ ହିଁ ମା' ଛୁଆ ଜନ୍ମ କରେ ।

ଅତି ଶାନ୍ତ ଓ ଡରକୁଳା ପ୍ରକୃତିର ଏଇ ଜୀବଟିକୁ ବେଶ୍ ସହଜରେ ପୋଷା ମନା ଯାଇପାରେ ।



ନୀଳଗାଈ

ଇଂରାଜୀ ନାମ: *ନୀଲ୍‌ଗାୟ* **ବିଜ୍ଞାନ ନାମ:** *ବୋସେଲାଫସ୍ ଟ୍ରାଗୋକାମେଲସ୍* ପାଲାସ୍

ଜେଉଁଠି ଦେଖାଯାଏ: ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଫୁଲବାଣୀ, ପୁରୀ, ଗଞ୍ଜାମ, କୋରାପୁଟ ଜିଲ୍ଲାରେ

କ'ଣ ଖାଏ: ଡାଳ, ପତ୍ର, ବରଜୋଳି ପତ୍ର ଓ ଫଳ **ସ୍ଥିତି:** ବିପଦମୁକ୍ତ

ଉଚ୍ଚତା ୧୩୦-୧୪୦ ସେ.ମି., ମାଇ ନୀଳଗାଈର ଉଚ୍ଚତା ଯଥେଷ୍ଟ କମ୍ ଥାଏ । ଶିଂଘ ପ୍ରାୟ ୨୦ ସେ.ମି. ଲମ୍ବା । ଅଣ୍ଡିରା ନୀଳଗାଈର ରଙ୍ଗ ମାଟିଆ-ଧୂସର, ଗୋଡ଼ ଖୁରା ପାଖରେ ଧଳା ଗାର ଓ ଦୁଇ ଗାଲରେ ଦୁଇଟି ଧଳା ଚିହ୍ନ ଥାଏ । ଓଠ, ମାଡ଼ି, କାନ ଭିତର ଓ ଲାଞ୍ଜର ଭିତର ପଟ ମଧ୍ୟ ଧଳା ରଙ୍ଗର ହୋଇଥାଏ । ମାଇ ଓ ଛୁଆ ନୀଳଗାଈ ହଳଦୀ-ବାଦାମୀ ରଙ୍ଗର ହୋଇଥା'ନ୍ତି ।

ଉଭୟ ମାଇ ଓ ଅଣ୍ଡିରାଙ୍କ ବେକ ତଳକୁ ମେଆଏ କଳା ବାଳ ଥାଏ । ଅଣ୍ଡିରାର ଶଙ୍କୁ ଆକାରର ଶକ୍ତ ଶିଂଘ ଥାଏ । ନୀଳଗାଈ ଦେଖିବାକୁ ଅନେକ ମାତ୍ରାରେ ଘୋଡ଼ା ଭଳି । ଏମାନେ ଘଞ୍ଚ ଜଙ୍ଗଲରେ ରହିବା ପାଇଁ ଭଲପାଆନ୍ତି ନାହିଁ । ବରଂ ଅଳ୍ପ ଗଛ ଥିବା ପାହାଡ଼ ତଳି ଅଞ୍ଚଳ ବା ଘାସ ବୁଦାରେ ରହିବାକୁ ବେଶୀ ପସନ୍ଦ କରନ୍ତି ।



ଏମାନେ ଦିନର ବେଶ୍ ଡେରି ଯାଏଁ ଚରନ୍ତି । କେବଳ ଦିପହରର ଟାଣ ଖରା ସମୟରେ ବିଶ୍ରାମ ନିଅନ୍ତି । ନୀଳଗାଈ ବେଶ୍ ସମୟ ପାଇଁ ପାଣି ନପିଇ ରହିପାରନ୍ତି । ଏମାନେ ସବୁବେଳେ ଗୋଟିଏ ଜାଗାରେ ଝାଡ଼ା ଯାଆନ୍ତି । ତେଣୁ ସେହି ଜାଗାରେ ଡାଙ୍ଗର ମଳ ଜମିରହେ । ଏହାକୁ ବାରି ଦଳର ଅନ୍ୟମାନେ ଯୁଆଡ଼େ ଯାଇଥିଲେ ବି ପୁଣି ଥରେ ଏକାଠି ହୋଇପାରନ୍ତି ।

ଦଳରେ ମାଇ, ଛୁଆ ଓ ଅଣ୍ଡିରା ମିଶି ୪-୧୦ଟି ନୀଳଗାଈ ରହନ୍ତି । ବୟସ୍କ ପୁରୁଷ ନୀଳଗାଈ ଅଲଗା ରହେ । ବର୍ଷର ସବୁ ସମୟରେ ଛୁଆ ଜନ୍ମ ହୁଏ । ମା' ପେଟରେ ୮-୯ ମାସ ବଢ଼ିବା ପରେ ଥରକେ ଗୋଟିଏ ଛୁଆ ହୁଏ । ୨୫ ମାସର ହେଲା ବେଳକୁ ମାଇ ନୀଳଗାଈ ବୟଃପ୍ରାପ୍ତ ହୁଏ ।

ଚୌଶିଂଘା

ଇଂରାଜୀ ନାମ: *ଫୋର ହର୍ଣ୍ଡ୍ ଆଣ୍ଟିଲୋପ୍* **ବିଜ୍ଞାନ ନାମ:** *ଟେଟ୍ରାସେରସ୍ କ୍ୱାଡ୍ରିକର୍ନିସ୍* ବ୍ଲେନ୍‌ଭେଲ୍

ସେଉଁଠି ଦେଖାଯାଏ: ଢେଙ୍କାନାଳ, ମୟୂରଭଞ୍ଜ, ଫୁଲବାଣୀ, ପୁରୀ, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର, ଦେବ୍ରୀଗଡ଼, ଦେବଗଡ଼, କୋରାପୁଟର ଜଙ୍ଗଲରେ

କ'ଣ ଖାଏ: ଡାଳପତ୍ର


ସ୍ଥିତି: ବିପନ୍ନ

ହାରାହାରି ଉଚ୍ଚତା ୬୫ ସେ.ମି.। ପଛ ଶିଂଘ ଦୁଇଟି ୮-୧୦ ସେ.ମି. ଓ ଆଗରେ ଥିବା ଛୋଟ ଶିଂଘ ଦୁଇଟି ବେଶ୍ ଛୋଟ, ମାତ୍ର ୧-୨.୫ ସେ.ମି. ଲମ୍ବା। ମାଇ ଚୌଶିଂଘାର ଶିଂଘ ନଥାଏ। ଏମାନଙ୍କର ଦେହର ରଙ୍ଗ ଲାଲ ମିଶା ବାଦାମୀ। ବୟସ୍କ ଚୌଶିଂଘାର ରଙ୍ଗ ହଳଦିଆ। ଗୋଡ଼ରେ ଗାଢ଼ ରଙ୍ଗର ଗୋଟିଏ ଗାର ପଡ଼ିଥାଏ।

ଚୌଶିଂଘା ପାହାଡ଼ିଆ ଅଞ୍ଚଳରେ ରହେ। ହରିଣ ଭଳି ଏମାନେ ଡେଙ୍ଗା ଘାସ ଭିତରେ ବା ଖୋଲା ଜଙ୍ଗଲରେ ବିଶ୍ରାମ ନିଅନ୍ତି। ଅତି ଧୀରେ ଏମାନେ ହିସିଲ ବଜାଇବା ଭଳି ବୋବାନ୍ତି। ଏମାନେ ବେଶ୍ ପାଣି ପିଅନ୍ତି। ଚୌଶିଂଘା ପ୍ରାୟ ଏକା ବା ଯୋଡ଼ି ହୋଇ ରହନ୍ତି। ଏମାନେ ଦଳରେ ରହନ୍ତି ନାହିଁ। ନୀଳଗାଈ ଭଳି ଏମାନେ ବି ଗୋଟିଏ ଜାଗାରେ ଝାଡ଼ା ଫେରନ୍ତି।

ବର୍ଷା ଆରମ୍ଭ ହେବା ଆଗରୁ ମାଇ ଚୌଶିଂଘା ସାଙ୍ଗରେ ଗୋଟିଏ ବା ଦୁଇଟି ଛୁଆ ଥିବାର ଦେଖାଯାଏ। ବେଳେ ବେଳେ ଦୁଇଟି ମାଇ ଓ ଦୁଇଟି ଛୁଆ ଏକାଠି ବୁଲୁଥା'ନ୍ତି।

ଗରମ ଓ ବର୍ଷା ଦିନରେ ଚୌଶିଂଘାମାନଙ୍କର ମିଳନ ହୁଏ। ଆଠ ସାଢ଼େ ଆଠ ମାସ ମା' ପେଟରେ ବଢ଼ିବା ପରେ ଅକ୍ଟୋବରରୁ ଫେବୃଆରୀ ମାସ ଭିତରେ ଛୁଆ ଜନ୍ମ ହୁଏ। ପିଲାଦିନୁ ପାଳିଲେ ଚୌଶିଂଘା ଭଲ ପୋଷା ମାନିଥାଏ।



ବାଲି ହରିଣ (କଳା ବାହୁଟିଆ)

ଇଂରାଜୀ ନାମ: *ବ୍ଲାକ୍ ବକ୍* **ବିଜ୍ଞାନ ନାମ:** *ଆଣ୍ଟିଲୋପ୍ ସର୍ଭିକାପ୍ରା ଲିନିଅସ୍*

କେଉଁଠି ଦେଖାଯାଏ: କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ଓ ଚିଲିକାର ଦକ୍ଷିଣ ପଟେ ଗଞ୍ଜାମର କିଛି ଅଞ୍ଚଳରେ

କ'ଣ ଖାଏ: ଘାସ ଓ ଅନ୍ୟ ରବିଜାତୀୟ ଫସଲ **ସ୍ଥିତି:** ବିପନ୍ନ

ଉଚ୍ଚତା ପ୍ରାୟ ୮୦ ସେ.ମି. ଓ ଓଜନ ପ୍ରାୟ ୪୦ କେ.ଜି.। ଶିଂଘର ଲମ୍ବ ୫୦ ସେ.ମି.। ଦେହର ରଙ୍ଗ ଛୁଆବେଳେ ହଳଦିଆ ଥାଏ। ଜିନ୍ତୁ ତିନି ବର୍ଷର ହେଲା ବେଳକୁ ଏହା କଳା ହୋଇଯାଏ। ଉଠିଲା ବେଳେ ଶିଂଘ ମୋଡ଼ି ହୋଇନଥାଏ। ଦ୍ୱିତୀୟ ବର୍ଷ ବେଳକୁ ଏହା ମୋଡ଼ି ହେବାକୁ ଆରମ୍ଭ କରେ। ତୃତୀୟ ବର୍ଷ ବେଳକୁ ଦେହର ରଙ୍ଗ ବଦଳିବା ସହିତ ଶିଂଘ ବି ମୋଡ଼ି ହୋଇ ଯାଇଥାଏ। ଏହାର ରଙ୍ଗ ଏବଂ ମୋଡ଼ି ମୋଡ଼ିଜା ଶିଂଘ ଯୋଗୁ ବେଶ୍ ସୁନ୍ଦର ଦେଖାଯାଏ।

୨୦-୩୦ଟି ହରିଣ ଏକାଠି ଦଳ ହୋଇ ରହନ୍ତି। ପ୍ରାୟ ଦିପହର ଯାଏଁ ଏମାନେ ଚରନ୍ତି, ତା'ପରେ ବିଶ୍ରାମ ନେଇ ପୁଣି ଥରେ ସନ୍ଧ୍ୟା ବେଳକୁ ଚରନ୍ତି। ଏମାନଙ୍କର ଦୃଷ୍ଟିଶକ୍ତି ଅତି ପ୍ରଖର ଏବଂ ଏମାନେ ବେଶ୍ ଜୋରରେ ଦୌଡ଼ିପାରନ୍ତି। ବିପଦର ସୂଚନା ପାଇଲେ ଆଗ କୁଦା ମାରି ଓ ତା'ପରେ ଜୋରରେ

ଦୌଡ଼ି ପଳାନ୍ତି। ଜଣେ ବୟସ୍କା ମାଇ ହରିଣ ଦଳର ମୁଖିଆ ହୋଇଥାଏ।

ବର୍ଷର ସବୁ ସମୟରେ ଏମାନଙ୍କର ମିଳନ ହୁଏ। ମାଇ ହରିଣ ୧୩-୧୯ ମାସରେ ବୟଃପ୍ରାପ୍ତ ହୁଏ। ମିଳନ ସମୟରେ ଅଣ୍ଡିରା ବେଶ୍ ବଦରାଗୀ ହୋଇଯାଏ ଓ ମୁଣ୍ଡ ଉପରକୁ ଉଠାଇ ବେଶ୍ ଗର୍ବର ସହ ଧୀରେ ଧୀରେ ଚାଲେ। ତା'ର ଶିଂଘ ଦୁଇଟି ପିଠି ଉପରେ ଭୂସମାନ୍ତର ହୋଇ ରହେ। ଏହି ସମୟରେ ସେ ଏକ ପ୍ରକାରର ଅଷ୍ପଷ୍ଟ ଘୁଁ ଘୁଁ ଶବ୍ଦ କରେ। ସେ ଗୋଟିଏ ମାଇ ହରିଣକୁ ନେଇ ଦଳ ଛାଡ଼ି ଚାଲିଯାଏ। ଥରକେ ଗୋଟିଏ ବା ଦୁଇଟି ଛୁଆ ଜନ୍ମ ହୁଅନ୍ତି। ଛୁଆକୁ ମା' ଘାସ ଭିତରେ ଲୁଚାଇ ରଖେ। କିନ୍ତୁ ଛୁଆ ବେଶ୍ ଶୀଘ୍ର ଦମ୍ଭ ହୋଇଯାଏ ଓ ଦଳରେ ମିଶିଯାଏ।



ମାଇ



ଅଣ୍ଡିରା

ଗୟଳ

ଇଂରାଜୀ ନାମ: *ଇଣ୍ଡିଆନ୍ ବାଇସନ୍ ବା ଗଉର୍* **ବିଜ୍ଞାନ ନାମ:** *ବସ୍ ଗଉରସ୍ ସ୍ମିଥ୍*

କେଉଁଠି ଦେଖାଯାଏ: କେବଳ ବଲାଙ୍ଗୀର ବ୍ୟତୀତ ଓଡ଼ିଶାର ଅନ୍ୟ ସବୁ ଅଞ୍ଚଳରେ

କ'ଣ ଖାଏ: ଘାସ, ପତ୍ର, ଫୁଲ ଓ କିଛି ଗଛର ବଳଜ **ସ୍ଥିତି:** ବିପନ୍ନ

ଅଣ୍ଡିରା ଗୟଳର ଉଚ୍ଚତା ପ୍ରାୟ ୧୯୦ ସେ.ମି., ମାଇ ଗୟଳ ପ୍ରାୟ ୧୦ ସେ.ମି. କମ୍ ଉଚ୍ଚ ହୁଏ । ବୟସ୍କ ଗୟଳର ଓଜନ ପ୍ରାୟ ୯୦୦ କେ.ଜି. ହୁଏ । ବଡ଼ ମୁଣ୍ଡ, ବିରାଟ ଦେହ, ଶକ୍ତ ଗୋଡ଼ ଥିବା ଗୟଳ ଶକ୍ତିର ପ୍ରତୀକ ଭଳି ମନେହୁଏ । ଏହାର କାନ୍ଧ ଉପରେ ଗୋଟିଏ ମାଂସଳ କୁଜ ଥାଏ । ଏହା ପିଠି ଆଡ଼କୁ କମି କମି ଯାଇ ଶେଷରେ ଖାଲୁଆ ହୋଇ ଯାଇଥାଏ ।

ଜନ୍ମ ବେଳେ ଛୁଆ ଗାଢ଼ ହଳଦିଆ ରଙ୍ଗର ହୋଇଥାଏ । ଧୀରେ ଧୀରେ ବଦଳି ଏହା ଫିକା ମାଟିଆରୁ ଗାଢ଼ ମାଟିଆ ବା କଫି ରଙ୍ଗର ହୁଏ । ବୟସ୍କ ଅଣ୍ଡିରା ଗୟଳର ରଙ୍ଗ କଳା ଓ ତା'ର ଦେହରେ ପ୍ରାୟ ରୁମ ନଥାଏ । କପାଳ ଉପରେ ପାଉଁଶିଆ ଓ ଗୋଡ଼ ତଳ ଅଂଶ ଫିକା ହଳଦିଆ ବା ଧଳା ହୋଇଥାଏ । ସକାଳୁ ପ୍ରାୟ ୯ଟା ଯାଏଁ ସେ ଖାଏ । ପାଗ ଥଣ୍ଡା ଥିଲେ ଆଉ କିଛି ସମୟ ବୁଲେ । ନହେଲେ ପୁଣି ଥରେ ଉପର ବେଳା ଆଉ ଥରେ ତରେ । ଦିନର ଗରମ ସମୟରେ ସେ ବିଶ୍ରାମ ନିଏ ।

ଗୟଳ ବେଶ୍ ଶାନ୍ତ ଓ ତରକୁଳା ପ୍ରକୃତିର । କେବଳ ତା'ର ବିରାଟ ଆକାର ଦେଖି ଶତ୍ରୁ ତରିଯାଏ । ବର୍ଷର ପ୍ରାୟ ସବୁ ସମୟରେ ଛୁଆ ଜନ୍ମ ହୋଇଥାଏ । ଛୁଆ ଜନ୍ମ ପରେ ମା' ଛୁଆକୁ ନେଇ ଅଲଗା ରହେ । ତା'ର ଦଳଟି ଆଖପାଖରେ ଥା'ନ୍ତି । କିଛିଦିନ ପରେ ଛୁଆ ଟିକିଏ ବଡ଼ ହେଲା ପରେ ସେ ଆସି ପୁଣି ଥରେ ଦଳରେ ମିଶେ । ଜନ୍ମ ହେବାର ଦଶ ମିନିଟ ପରେ ବି ଛୁଆଟି ଚାଲିପାରେ ।



ଅରଣା ମଇଁଷି

ଇଂରାଜୀ ନାମ: *ୱାଇଲ୍ଡ୍ ବଫାଲୋ* **ବିଜ୍ଞାନ ନାମ:** *ବୁବାଲସ୍ ବୁବାଲିସ୍ ଲିନିଅସ୍*

କେଉଁଠି ଦେଖାଯାଏ: ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରୁ ବିଲୁପ୍ତ । କେବଳ କୋରାପୁଟର କିଛି ଅଞ୍ଚଳରେ ଓ ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ସଂରକ୍ଷିତ ଜଙ୍ଗଲରେ କିଛି ସଂଖ୍ୟାରେ ଅଛନ୍ତି ।

କ'ଣ ଖାଏ: ଘାସ **ସ୍ଥିତି:** ବିପନ୍ନ

ଉଚ୍ଚତା ପ୍ରାୟ ୧୭୦ ସେ·ମି· ଓ ଓଜନ ୯୦୦ କେ·ଜି· । ମୁଣ୍ଡରେ ପ୍ରାୟ ୧୯୫ ସେ·ମି· ଲମ୍ବର ଶିଂଘ । ଦେହର ରଙ୍ଗ କଳା, ଗୋଡ଼ର ତଳୁ ପ୍ରାୟ ଆଣ୍ଠୁ ଯାଏଁ ଫିକା ଧଳା ରଙ୍ଗ ହୋଇଥାଏ । ଜନ୍ମ ବେଳେ ଛୁଆ ପ୍ରାୟ ଫିକା ହଳଦିଆ ରଙ୍ଗର ହୋଇଥାଏ ।

ଅରଣା ମଇଁଷିର ଦୁଇ ପ୍ରକାରର ଶିଂଘ ଦେଖାଯାଏ । ଗୋଟିଏ ପ୍ରକାରରେ ଶିଂଘ ଦୁଇଟି ଅଧା ଗୋଲାକାର ଆକାରରେ ଉପରକୁ ଉଠିଥାଏ । ଏଥିରେ ଶିଂଘର ମୁଣ୍ଡି ଦୁଇଟି ଭିତରେ ଫାଙ୍କ ଅଳ୍ପ ଥାଏ । ଅନ୍ୟ ପ୍ରକାରରେ ଶିଂଘ ଦୁଇଟି ମୁଣ୍ଡଠାରୁ ପ୍ରାୟ ଭୂସମାନ୍ତର ଭାବରେ ବାହାରିଥାଏ । ଶିଂଘର ମୁଣ୍ଡି ଦୁଇଟି ସାମାନ୍ୟ ଉପରକୁ ଓ ଭିତରକୁ ବଙ୍କାଇ ଯାଇଥାଏ । ଗୋଟିଏ ଦଳରେ ହିଁ ଉଭୟ ପ୍ରକାରର ଶିଂଘବାଲା ମଇଁଷି ଦେଖିବାକୁ ମିଳିଥାଏ । ଶିଂଘ ଦୁଇଟି ତେପଟା ହୋଇଥାଏ ।

ସକାଳେ ଓ ସନ୍ଧ୍ୟାରେ ସେମାନେ ଖାଆନ୍ତି ଓ ଦିନର ଅନ୍ୟ ସମୟରେ ତେନ୍ତା ଘାସ ବା କାଦୁଅରେ ବୁଡ଼ି ବିଶ୍ରାମ ନିଅନ୍ତି । ଅରଣା ମଇଁଷି ହଠାତ ଆକ୍ରମଣ କରିପାରେ । ବିଶେଷ କରି ଛୁଆ ଥିଲେ ମାଇ ମଇଁଷି ବିପଦଜନକ ହୋଇପାରେ । ମଣିଷ ଛଡ଼ା କେବଳ ବାଘ ହେଉଛି ମଇଁଷିର ଶତ୍ରୁ । ଏହାର ଶୁଂଘିବା, ଶୁଣିବା ଶକ୍ତି ଅତି ପ୍ରଖର ।



ଅରଣା ମଇଁଷିର ଘରୋଇ ମଇଁଷି ସହ ମିଳନ ସାଧାରଣତଃ ସମ୍ଭବ ହୋଇନଥାଏ । ଛୁଆ ପ୍ରାୟ ମାର୍ଚ୍ଚରୁ ମେ ମାସ ଭିତରେ ଜନ୍ମ ହୁଏ । କିନ୍ତୁ ଅନ୍ୟ ସମୟରେ ବି ଛୁଆ ହେବାର ଜଣା ଅଛି ।

ବାରହା

ଇଂରାଜୀ ନାମ: *ୱାଇଲ୍ଡ୍ ପିଗ୍* ବା *ୱାଇଲ୍ଡ୍ ବୋର୍* **ବିଜ୍ଞାନ ନାମ:** *ସସ୍ ସ୍କ୍ରୋଫା ଲିନିଅସ୍*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ **ସ୍ଥିତି:** ବିପଦମୁକ୍ତ


କ'ଣ ଖାଏ: ସବୁ କିଛି - ଶସ୍ୟ, କନ୍ଦା, ମୂଳ, କୀଟ, ସାପ ଓ ମଲାଜୀବଙ୍କ ନରମ ଅଙ୍ଗ, ସଢ଼ାମାଂସ

ଉଚ୍ଚତା ପ୍ରାୟ ୯୦ ସେ·ମି· ଓ ଓଜନ ୨୩୦ କେ·ଜି· । କଳା ରଙ୍ଗର ଦେହରେ ଧୂସର, ମାଟିଆ ଓ ଧଳା ରଙ୍ଗର ରୁମ ଥାଏ । ଛୁଆ ଜନ୍ମ ବେଳେ ତା' ଦେହର ରଙ୍ଗ ମାଟିଆ ହୁଏ ଓ ସେଥିରେ ଫିକା ବା କଳା ରଙ୍ଗର ଗାର ପଡ଼ିଥାଏ । ଉପର ଓ ତଳ ମାଢ଼ିର ଛେଦନ ଦାନ୍ତ ବାହାରକୁ ବାହାରିଥାଏ ।

ବାରହା ଛୋଟ ବୁଦା ବା ଘାସ ବଣରେ ଦଳ ହୋଇ ରହନ୍ତି । ମିଳନ ସମୟରେ ବହୁତ ସଂଖ୍ୟାରେ ଅଣ୍ଡିରା ଓ ମାଇ ଏକାଠି ହୁଅନ୍ତି । ସେମାନେ ଭୋରରୁ ବା ସନ୍ଧ୍ୟାରେ ବାହାରକୁ ବାହାରି ଖାଆନ୍ତି । ବେଶୀ ଗହଳି ଥିବା ଜାଗାରେ ସେମାନେ ରାତିରେ ଖାଦ୍ୟ ଖୋଜନ୍ତି । ଜଙ୍ଗଲ ପାଖ ଗାଁର ଫସଲ ଖାଇ ବହୁତ ନଷ୍ଟ କରନ୍ତି । ଏମାନେ ବେଶ୍ ଚାଲାକ ଓ ସାହସୀ । ଏମାନଙ୍କର ଶୁଂଘିବା ଶକ୍ତି ବହୁତ ଅଧିକ, କିନ୍ତୁ ଦେଖିବା ଓ ଶୁଣିବା ଶକ୍ତି ସାଧାରଣ । ଏମାନେ ବର୍ଷର ସବୁ ସମୟରେ ବେଶ୍ ସଂଖ୍ୟାରେ ଛୁଆ ଜନ୍ମ କରନ୍ତି ।

ମା' ପେଟରେ ଚାରିମାସ ଧରି ବଢ଼ିବା ପରେ ଏକାଥରେ ୪-୬ଟି ଛୁଆ ଜନ୍ମ ହୁଅନ୍ତି । ଜନ୍ମ କରିବା ଆଗରୁ ମା' କିଛି ଘାସ, ଚାଳପତ୍ର ଏକାଠି ଜମାଇରଖେ ଓ ତା' ଉପରେ ଛୁଆ ଦିଏ ।

ମିଳନ ପରେ ଅଣ୍ଡିରା ବାରହା ଏକା ରହେ ବା ନିଜ ଆକାରର ଆଉ ଜଣଙ୍କ ସାଙ୍ଗରେ ମିଶିକରି ରହେ କିମ୍ବା ଗୋଟିଏ ବା ଦୁଇଟି ମାଇଙ୍କ ସହିତ ରହେ ।



ଗଧିଆ (ରାମଶିଆଳ)

ଇଂରାଜୀ ନାମ: ଇଣ୍ଡିଆନ୍ ଉଲ୍‌ଫ **ବିଜ୍ଞାନ ନାମ:** *କାନିସ୍ ଲୁପସ୍ ଲୁପସ୍ ଲିନିଅସ୍*


କେଉଁଠି ଦେଖାଯାଏ: ଓଡ଼ିଶାର କଟକ, ସମ୍ବଲପୁର, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ

କ'ଣ ଖାଏ: ଯେକୌଣସି ପକ୍ଷୀ ବା ପଶୁ **ସ୍ଥିତି:** ବିପନ୍ନ

ଉଚ୍ଚତା ୬୫-୭୫ ସେ·ମି·, ଦେହର ଲମ୍ବା ୯୦-୧୦୦ ସେ·ମି·, ଲାଞ୍ଜର ଲମ୍ବା ୩୫-୪୦ ସେ·ମି·, ଓଜନ ୧୮-୨୫ କେ·ଜି· । ଦେହର ରଙ୍ଗ ଫିକା ମାଟିଆ ଓ ସେଥିରେ କଳା ଗାର ପଡ଼ିଥାଏ ।

ଗଧିଆ ଜଙ୍ଗଲରେ ରହିପାରେ । କିନ୍ତୁ ଭାରତରେ ଏମାନେ ସାଧାରଣତଃ ଖୋଲା ଜାଗାରେ ରହନ୍ତି । ଏମାନେ ଦିନ ରାତି ଉଭୟ ସମୟରେ ଶିକାର କରନ୍ତି । ଜଙ୍ଗଲରେ ସେ ହରିଣ, ଠେକୁଆ, ବିଲୁଆ ଆଦି ଶିକାର କରେ । ମଣିଷର ବସତି ପାଖରେ ଗଧିଆର ପ୍ରାକୃତିକ ଖାଦ୍ୟ ଯଥେଷ୍ଟ ମିଳେ ନାହିଁ । ତେଣୁ ସେମାନେ ଗୃହପାଳିତ ଗାଈଗୋରୁ, ଛେଳି ମେଣ୍ଢା ଆଦି ମାରିଦିଅନ୍ତି । ଗଧିଆ ବେଳେ ବେଳେ ମଣିଷ ଛୁଆ ନେଇଯିବାର ବି ଜଣାଅଛି ।

ବର୍ଷାଦିନର ଶେଷ ଆଡ଼କୁ ଗଧିଆର ମିଳନ ହୋଇଥାଏ ଓ ଡିସେମ୍ବର ମାସରେ ଛୁଆ ଜନ୍ମ ହୁଏ ।



ଗଧିଆ

ବଳିଆ କୁକୁର

ଇଂରାଜୀ ନାମ: ଇଣ୍ଡିଆନ୍ ୱାଇଲ୍ଡ୍ ଡଗ୍ **ବିଜ୍ଞାନ ନାମ:** କୁଅନ୍ ଆଲ୍‌ପିନସ୍ ପାଲାସ୍

କେଉଁଠି ଦେଖାଯାଏ: କେବଳ ହେନ୍ତାଳ ବଣ ଓ ସମୁଦ୍ର କୂଳ ଅଞ୍ଚଳକୁ ଛାଡ଼ିଦେଲେ ଓଡ଼ିଶାର ଅନ୍ୟ ସବୁ ଅଞ୍ଚଳରେ

କ'ଣ ଖାଏ: ମେଣ୍ଢା, ହରିଣ, ଘୁଷୁରୀ **ସ୍ଥିତି:** ବିପନ୍ନ

ଉଚ୍ଚତା ୪୦-୫୫ ସେ.ମି., ଲମ୍ବା ୯୦ ସେ.ମି., ଲାଞ୍ଜ ଲମ୍ବା ୪୦-୪୫ ସେ.ମି. ଓ ଓଜନ ପ୍ରାୟ ୨୦ କେ.ଜି.। ଦେଖିବାକୁ ପ୍ରାୟ ଘରେଇ କୁକୁର ଭଳି। ଏହାର ଦେହ ରଙ୍ଗ ଲାଲ, କିନ୍ତୁ ତାହା ଋତୁ ଓ ସ୍ଥାନ ଅନୁସାରେ ବଦଳିଥାଏ। ବଳିଆ କୁକୁରର କାନର ଅଗ ଅଧିକ ଗୋଲ ଓ ଲାଞ୍ଜ ବେଶ୍ ଗହଳିଆ। ତା'ର ଉଳ ମାଢ଼ିରେ ଛଅଟି ଚର୍ବଣ ବା ମୋଲାର୍ ଦାନ୍ତ ରହିଛି। କିନ୍ତୁ ସେହି ଦ୍ୱାତୀୟ ଅନ୍ୟ ଜୀତ ଗଧିଆ, କୁକୁର ବା ବିଲୁଆଙ୍କର ସାତଟି ଚର୍ବଣ ଦାନ୍ତ ଥାଏ। ଅନ୍ୟ କୁକୁରଙ୍କର ୧୦ଟି ସ୍ତନ୍ୟାଗ୍ର ଥିବା ବେଳେ ଏମାନଙ୍କର ୧୨-୧୪ଟି ସ୍ତନ୍ୟାଗ୍ର ଥାଏ।

ଏହା ସାଧାରଣତଃ ଜଙ୍ଗଲରେ ରହେ। ବେଳେ ବେଳେ ଖୋଲା ଜାଗାରେ ବି ରହେ। ଏମାନେ ଦଳ ହୋଇ ରହନ୍ତି। ସେଥିପାଇଁ ବଡ଼ ଜନ୍ତୁକୁ ଶିକାର କରିବା ସହଜ ହୁଏ। ସାଧାରଣତଃ ଏମାନେ ଦିନରେ

ଶିକାର କରନ୍ତି। ଶିକାରର ଗନ୍ଧ ବାରି ତୁପଚାପ ତା'ର ପିଛା କରନ୍ତି ଓ ଶେଷରେ ଜୋରରେ ଗୋଡ଼ାନ୍ତି। ଏକାଠି ହୋଇ ଗୟଳ ବା ଅରଣା ମଇଁଷିକୁ ଆକ୍ରମଣ କରିବାର ବି ଦେଖାଯାଇଛି। ଏମାନେ ସାଧାରଣତଃ ମାଡ଼ିଯାଇ ପଲ ଭିତରୁ ଛୁଆକୁ ଆକ୍ରମଣ କରନ୍ତି। ଘୁଷୁରୀ ଏମାନଙ୍କର ପ୍ରିୟ ଖାଦ୍ୟ। କିନ୍ତୁ ଚିତା, ଭାଲୁ ଏପରିକି ବାଘକୁ ବି ଛାଡ଼ନ୍ତି ନାହିଁ।

ସାଧାରଣତଃ ନଭେମ୍ବର-ଡିସେମ୍ବର ମାସରେ ଏହି କୁକୁରମାନଙ୍କର ମିଳନ ହୁଏ ଓ ଜାନୁଆରୀ-ଫେବୃଆରୀରେ ଥରକେ ୪-୬ଟି ଛୁଆ ଜନ୍ମ ହୁଏ। ମା' କୁକୁର ଗୁମ୍ଫା ବା ଖୋଲରେ କିମ୍ବା ପଥର ତଳେ ଛୁଆ ଜନ୍ମ କରେ। ଅନେକ ମାଇ କୁକୁର ଏକାଠି ଦଳ ହୋଇ ଛୁଆ କରନ୍ତି। ଛୁଆମାନେ ଯଥେଷ୍ଟ ବଡ଼ ହୋଇଗଲେ ବାପା ମା'ଙ୍କ ସହ ଶିକାର କରିବାକୁ ଯା'ନ୍ତି। କେତେଗୁଡ଼ିଏ ବଳିଆ କୁକୁର ପରିବାର ଏକାଠି ମିଶି କରି ରହିବାର ଦେଖାଯାଏ।



ବିଲୁଆ

ଇଂରାଜୀ ନାମ: *ଜାକାଲ୍* **ବିଜ୍ଞାନ ନାମ:** *କାନିସ୍ ଅରିଅସ୍ ଲିନିଅସ୍*

କେଉଁଠି ଦେଖାଯାଏ: ହେନ୍ତାଳ ବଣ ଓ ସମୁଦ୍ର କୂଳ ସମେତ ଓଡ଼ିଶାର ସବୁ ଅଞ୍ଚଳରେ


କ'ଣ ଖାଏ: ମଲା ଜୀବ, କୁକୁଡ଼ା, ମେଣ୍ଢା, ଛେଳି ଆଦି **ସ୍ଥିତି:** ବିପନ୍ନ

ଉଚ୍ଚତା ପ୍ରାୟ ୩୫-୪୫ ସେ.ମି., ଲାଞ୍ଜର ଲମ୍ବ। ୨୦-୨୭ ସେ.ମି. ଓ ଓଜନ ୮-୧୧ କେ.ଜି.। ପାହାନ୍ତା ବା ସନ୍ଧ୍ୟାବେଳେ ବିଲୁଆ ରଡ଼ି ସମସ୍ତେ ଶୁଣିଥିବା । ଦେହର ରଙ୍ଗ କଳା ଧଳା ମିଶା ଫିକା ଧୂସର ରଙ୍ଗ । ବିଲୁଆ ଜଙ୍ଗଲ, ଖୋଲା ଡାଗା, ମରୁଭୂମି ଯେକୌଣସି ଜାଗାରେ ରହିପାରେ । ଏପରିକି ହିମାଳୟର ୩୭୦୦ ମିଟର ଉପରେ ମଧ୍ୟ ବିଲୁଆ ଦେଖାଯାଆନ୍ତି । କିନ୍ତୁ ଗାଁ ଓ ସହର ତଳି ଅଞ୍ଚଳରେ ବିଲୁଆ ବେଶୀ ଦେଖାଯାଆନ୍ତି । ଏମାନେ ଗାତ କରି, ଭଙ୍ଗା ଘରେ, ଘଞ୍ଚ ଘାସ ବୁଦାରେ ରହନ୍ତି ଏବଂ ସନ୍ଧ୍ୟାବେଳେ ଗାତରୁ ବାହାରି ସକାଳ ହେବା ଯାଏଁ ବୁଲନ୍ତି । କେବେ କେମିତି ମେଘୁଆ ପାଗ ହେଲେ ବା ଅତି ଗରମରେ ଶୋଷ ଲାଗିଲେ ଏମାନେ ଦିନବେଳେ ବାହାରନ୍ତି । ଏମାନେ ପ୍ରାୟ ଏକା ରହନ୍ତି ।

ବିଲୁଆ ମଶାଣିରେ ଶବ, ପଚାସଡ଼ା ଜୀବ ଖାଆନ୍ତି । ଏସବୁ ସଫାକରି ଶାଗୁଣା ଓ ବିଲୁଆ ପରିବେଶର ବିଶେଷ ଉପକାର କରନ୍ତି । ଗାଁ ଭିତରେ ପଶି କୁକୁଡ଼ା, ଛେଳିମେଣ୍ଢା ବି ଚୋରାଇ ନିଅନ୍ତି ।

ବେଳେ ବେଳେ କେତେଗୁଡ଼ିଏ ବିଲୁଆ ଏକାଠି ମିଶି ଛୋଟ ହରିଣକୁ ବି ଶିକାର କରନ୍ତି । ବରକୋଳି ଖାଇବାକୁ ବିଲୁଆ ବହୁତ ଭଲ ପାଆନ୍ତି ।

ଏମାନଙ୍କ ପାରିବାରିକ ଜୀବନ ବିଷୟରେ ବହୁତ କମ୍ ଜଣାଅଛି । ବର୍ଷର ଯେକୌଣସି ସମୟରେ ଛୁଆ ଜନ୍ମ ହୁଅନ୍ତି । ଅଣ୍ଡିରା ବିଲୁଆ କେତେଦିନ ମାଇ ସହ ରହେ, ଛୁଆର ଯତ୍ନ ନିଏ କି ନାହିଁ କିଛି ଜଣାନାହିଁ । ବିଲୁଆ ପ୍ରାୟ ୧୨ ବର୍ଷ ବଞ୍ଚେ ଓ ଘଣ୍ଟାକୁ ୪୦ କି.ମି. ବେଗରେ ଦୌଡ଼ିପାରେ ।



କୋକିଶିଆଳି

ଇଂରାଜୀ ନାମ: ଇଣ୍ଡିଆନ୍ ଫକ୍ସ **ବିଜ୍ଞାନ ନାମ:** *ଭଲ୍‌ପସ୍ ବେଙ୍ଗାଲେନ୍‌ସିସ୍* ସ

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ


କ'ଣ ଖାଏ: କୁକୁଡ଼ା, ଛୋଟ ସ୍ତନ୍ୟପାୟୀ, ସରୀସୃପ, କୀଟ **ସ୍ଥିତି:** ବିପନ୍ନ

ଦେହର ଲମ୍ବା ୪୫-୬୦ ସେ.ମି., ଲାଞ୍ଜର ଲମ୍ବା ୨୫-୩୫ ସେ.ମି. ଓ ଓଜନ ୧.୫-୩ କେ.ଜି.। ରଙ୍ଗ ଧୂସର। ସାଧାରଣତଃ ଖୋଲା ଜାଗାରେ ମାଟିରେ ସୁଡ଼ଙ୍ଗ ଖୋଳି ରହନ୍ତି। ସୁଡ଼ଙ୍ଗର କେତେଗୁଡ଼ିଏ ମୁହଁ ଥାଏ। କେତେ ସୁଡ଼ଙ୍ଗ କିଛି ବାଟ ପରେ ବନ୍ଦ ହୋଇ ଯାଇଥାଏ ଓ ଅନ୍ୟଗୁଡ଼ିକ ମାଟି ତଳେ ତଳେ ଯାଇ ପ୍ରାୟ ୬୦-୯୦ ସେ.ମି. ଗଭୀରରେ ଥିବା ଗୋଟିଏ କେନ୍ଦ୍ରୀୟ କୋଠରୀକୁ ଖୋଲେ। ଏଠି ସେମାନେ ଦିନ ସାରା ଶୁଅନ୍ତି ଓ ସନ୍ଧ୍ୟା ପରେ ବାହାରନ୍ତି। ଅନ୍ଧାରରେ ସେମାନେ ବେଶ୍ ଜୋରରେ ତିନି ଚାରି ଥର ଭୁକନ୍ତି।

ଏମାନେ ଜଙ୍ଗଲକୁ ପ୍ରାୟ ଯାଆନ୍ତି ନାହିଁ। ଜନବସତି ପାଖରେ ରହୁଥିବା କୋକିଶିଆଳି ଲୋକମାନଙ୍କ ଘରେ ପଶି କୁକୁଡ଼ା ଚୋରେଇ ନିଅନ୍ତି। କିନ୍ତୁ ବିଲରୁ ମୂଷା ଜଙ୍ଗଡ଼ା ଖାଇ ସେମାନେ ଚାଷୀର ବହୁତ ଉପକାର ମଧ୍ୟ କରିଥା'ନ୍ତି। ଡରଭୁଜ, ବରକୋଳି ଆଦି ମଧ୍ୟ ଏମାନେ ଖା'ନ୍ତି।

କୋକିଶିଆଳି ବେଶ୍ ଜୋରରେ ଧାଇଁ ପାରେ। କୋକିଶିଆଳି ଧୀରେ ଚାଲୁଥିବା ବେଳେ ତା'ର ଲାଞ୍ଜ ମାଟିରେ ଘୁଷୁରୁଥାଏ। ଦୌଡ଼ିଲା ବେଳେ ମାଟି ସହ ସମାନ୍ତର ହୋଇ ରହେ। ଏପଟ ସେପଟ ହୋଇ ଘୂରିବା ବେଳେ ଲାଞ୍ଜ ଉପରକୁ ଉଠିଥାଏ।

ମାଇ ଓ ଅଣ୍ଡିରା କୋକିଶିଆଳି ସାରା ଜୀବନ ପାଇଁ ଏକାଠି ରହନ୍ତି କି ନାହିଁ ତାହା ଜଣାନାହିଁ। କିନ୍ତୁ ଦୁହେଁ ମିଶି ଛୁଆର ଯତ୍ନ ନିଅନ୍ତି। ଥଣ୍ଡା ଋତୁରେ ମିଳନ ହୁଏ। ମା' ପେଟରେ ୫୦-୫୩ ଦିନ ବଢ଼ିବା ପରେ ଥରକେ ଚାରୋଟି ଛୁଆ ଜନ୍ମ ହୁଏ। ଛୁଆ ଗାତ ଭିତରେ ବଢ଼େ ଏବଂ ସେ ସମୟରେ ମା' ଓ ଛୁଆ ପ୍ରାୟ ବାହାରକୁ ବାହାରନ୍ତି ନାହିଁ। ଜନ୍ମ ବେଳେ ଛୁଆଗୁଡ଼ିକର ଓଜନ ୫୦-୬୫ ଗ୍ରାମ ଓ ଲାଞ୍ଜ ସମେତ ମୋଟ ଲମ୍ବ ୧୮-୧୯ ସେ.ମି. ହୋଇଥାଏ।



ମହାବଳ ବାଘ

ଇଂରାଜୀ ନାମ: *ରୟାଲ ବେଙ୍ଗଲ ଟାଇଗର* **ବିଜ୍ଞାନ ନାମ:** *ପାନ୍ଥେରା ଟାଇଗ୍ରିସ୍ ଲିନିଅସ୍*

ଜେଉଁଠି ଦେଖାଯାଏ: ବାଲେଶ୍ୱର ଓ ପୁରୀଗଡ଼ ଜିଲ୍ଲା ବ୍ୟତୀତ ଓଡ଼ିଶାର ଅନ୍ୟ ସବୁ ଅଞ୍ଚଳରେ

କ'ଣ ଖାଏ: ବାର୍‌ହା, ହରିଣ, ମଇଁଷି ଆଦି **ସ୍ଥିତି:** ବିପନ୍ନ

ଉଚ୍ଚତା ୨୭୫-୨୯୦ ସେ.ମି. ଓ ଓଜନ ୧୮୦-୨୩୦ କେ.ଜି.। ବାଘୁଣୀର ଲମ୍ବା ପ୍ରାୟ ୨୫୦ ସେ.ମି.। ଦେହର ରଙ୍ଗ ହଳଦିଆ ଓ ତା'ଉପରେ ପଟା ପଟା କଳା ଦାଗ ଥାଏ। ଗାରଗୁଡ଼ିକ ମେରୁଦଣ୍ଡରୁ ପେଟ ଆଡ଼କୁ ଥାଏ। ବୟସ ବଢ଼ିଲେ ଦାଗ ଧୀରେ ଧୀରେ ଫିକା ଓ ଛଡ଼ା ଛଡ଼ା ହୋଇଯାଏ।

ବାଘର ତିନୋଟି ଜିନିଷ ଦରକାର ହୁଏ - ଶିକାର କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ଜୀବ, ଶୋଇବା ପାଇଁ ଛାଇ ଜାଗା ଏବଂ ପିଇବା ପାଇଁ ପାଣି। ସାଧାରଣତଃ ବାଘ ରାତିରେ ଶିକାର କରେ। ସେ ସବୁ ପ୍ରକାର ଜୀବ ଏପରିକି ହାତୀ, ଗୟଳ, ଅରଣା ମଇଁଷି ବି ଶିକାର କରିଥାଏ। ଏତେ ଓଜନିଆ ଦେହ ହୋଇଥିଲେ ବି ବାଘ ବହୁତ ଫୁର୍ତ୍ତି ଥାଏ। ପାଣିରେ ପହଁରିବା ପାଇଁ ସେ ଭଲ ପାଏ। ଗଛରେ ବି ବେଶ୍ ଚଢ଼ିପାରେ।

ସାଧାରଣତଃ ବର୍ଷାଦିନ ପରେ ପରେ ବାଘର ମିଳନ ହୁଏ ଓ ଫେବୃଆରୀରୁ ମେ ମାସ ଭିତରେ ଛୁଆ ଜନ୍ମ ହୁଏ। ମା' ପେଟରେ ଛୁଆ ୧୫-୧୬ ସପ୍ତାହ ଧରି ବଢ଼ିବା ପରେ ଥରକେ ୨-୩ଟି ଛୁଆ ଜନ୍ମ ହୁଏ। ଛୁଆ ଛଅମାସର ହେଲା ବେଳକୁ ମା' ସାଙ୍ଗରେ ଶିକାର କରିବାକୁ ଯାଏ। ପ୍ରାୟ ଦୁଇ ବର୍ଷର ହେବା ଯାଏଁ ବାଘ ଛୁଆ ମା' ସାଙ୍ଗରେ ରହେ। ତିନି ବର୍ଷ ବୟସ ବେଳକୁ ବାଘୁଣୀ ବୟଃପ୍ରାପ୍ତ ହୁଏ। ମହାବଳ ବାଘର ହାରାହାରି ଜୀବନ କାଳ ପ୍ରାୟ ୨୦ ବର୍ଷ ହୁଏ।



କଲରାପତରିଆ ବାଘ

ଇଂରାଜୀ ନାମ: ଲେପାର୍ଡ **ବିଜ୍ଞାନ ନାମ:** *ପାନ୍ଥେରା ପାର୍ଡସ୍ ମେୟର୍*


କେଉଁଠି ଦେଖାଯାଏ: ହେନ୍ତାଳ ବଣ ସମେତ ଓଡିଶାର ସବୁ ଅଞ୍ଚଳରେ । କଳା ଚିତାବାଘ ମୟୁରଭଞ୍ଜ ଓ ଫୁଲବାଣୀ ଜିଲ୍ଲାର ଜଙ୍ଗଲରେ ଦେଖାଯାଆନ୍ତି ।

କ'ଣ ଖାଏ: ଗାଇଗୋରୁ, ହରିଣ, ମାଙ୍କଡ଼, ଝିଙ୍କ ଆଦି ଯେକୌଣସି ଜୀବ **ସ୍ଥିତି:** ବିପନ୍ନ

ଦେହର ଲମ୍ବା ୨୧୫ ସେ·ମି· ଏବଂ ଓଜନରେ ଅଣ୍ଡିରା ବାଘ ୫୦ କେ·ଜି· ଓ ମାଈ ବାଘ ୪୦ କେ·ଜି·। ଲାଞ୍ଜର ଲମ୍ବା ୭୫ ସେ·ମି· । ଏମାନେ ଯେକୌଣସି ଜାଗାରେ ରହନ୍ତି । ଦେହର ରଙ୍ଗ ସୁନେଲି ମିଶା ମାଟିଆ, ପେଟ ତଳ ଧଳା, ଦେହ ସାରା ଫୁଲ ଭଳି ଦାଗ ଥାଏ ।

କଲରାପତରିଆ ବାଘ ଗଛ ଚଢ଼ାରେ ଓସ୍ତାଦ । ଅଧିକାଂଶ ସମୟ ସେ ଗଛ ଉପରେ ଶୋଇଥାଏ । ପାଣିକୂଳିଆ ଗଛ ଉପରେ ବା ପାଣି ଉପରକୁ ଝୁଙ୍କି ରହିଥିବା ପଥର ସନ୍ଧିରେ ଲୁଚି ରହେ । ପାଣି ପାଖକୁ ଆସୁଥିବା ଜୀବକୁ ଶିକାର କରେ । ଶିକାରଟି ଆକାରରେ ବହୁତ ବଡ଼ ହୋଇଥିଲେ ତାକୁ ଟାଣି ଟାଣି ନେଇ ଗଛ ଉପରେ ଲୁଚାଇ ରଖେ ।

ପ୍ରାୟ ୯୨ରୁ ୯୫ ଦିନ ମା' ପେଟରେ ବଢ଼ିବା ପରେ ଥରକେ ଗୋଟିଏରୁ ଚାରୋଟି ଛୁଆ ଜନ୍ମ ହୁଏ । ଜନ୍ମ ବେଳେ ସେମାନଙ୍କ ଆଖି ଫିଟି ନଥାଏ । ୮ ଦିନ ପରେ ଆଖି ଫିଟେ । ବେଳେ ବେଳେ ଅଣ୍ଡିରା ବାଘ ଛୁଆ ପାଳିବାରେ ସାହାଯ୍ୟ କରେ । ଛୁଆ ଛଅ ମାସର ହେବା ଯାଏଁ ମା' ସାଙ୍ଗରେ ରହେ । କଲରାପତରିଆର ସବୁଠାରୁ ବଡ଼ ଶତ୍ରୁ ହେଉଛି ମହାବଳ ବାଘ ।



ମାଛରଙ୍କା ବିରାଡ଼ି

ଇଂରାଜୀ ନାମ: *ଫିସିଙ୍ଗ କ୍ୟାଟ୍* **ବିଜ୍ଞାନ ନାମ:** *ଫେଲିସ୍ ଭିଭେରିନା ବେନେଟ୍*


କେଉଁଠି ଦେଖାଯାଏ: କେନ୍ଦୁଝର, ମୟୂରଭଞ୍ଜ ଓ ପୁରୀ ଜିଲ୍ଲା, ଭିତରକନିକା, ଚିଲିକା ଏବଂ ଅନ୍ୟ ସମୁଦ୍ର କୂଳ ଅଞ୍ଚଳରେ

କ'ଣ ଖାଏ: ଯେକୌଣସି ଜୀବ **ସ୍ଥିତି:** ବିପନ୍ନ

ଦେହର ଲମ୍ବା ପ୍ରାୟ ୧୦୦ ସେ.ମି., ଲାଞ୍ଜ ୩୦ ସେ.ମି. ଓ ଓଜନ ୧୧-୧୫ କେ.ଜି. । ଏମାନଙ୍କର ଗୋଡ଼ ଲମ୍ବା କମ୍ । ଦେହ ବେଶ୍ ଶକ୍ତ । ମାଛରଙ୍କା ବିରାଡ଼ିର ଦେହର ରଙ୍ଗ ବାଦାମୀ ମିଶା ଧୂସର । ରୁମଗୁଡ଼ିକ ଛୋଟ ଏବଂ ଟାଆଁସିଆ । ଏମାନଙ୍କ ଦେହରେ ପଟା ପଟା ଦାଗ ଥାଏ । କପାଳରୁ ଆରମ୍ଭ ହୋଇ ମୁଣ୍ଡ ଦେଇ ବେକ ଯାଏଁ ୬-୮ଟି ଲମ୍ବା ଗାର ପଡ଼ିଥାଏ । ଗାଲ ସାଧାରଣତଃ ଧୂସର ଧଳା ରଙ୍ଗର ହୋଇଥାଏ ଓ ଏଥିରେ ଦୁଇଟି ଗାର ପଡ଼ିଥାଏ ।

ଗୋଡ଼ର ଦାଗ ପ୍ରାୟ ଜଣାପଡ଼େ ନାହିଁ । ପେଟତଳେ ବି ଦାଗ ଥାଏ । ଲାଞ୍ଜରେ କଳା ରଙ୍ଗର ଗୋଲ ଗୋଲ ଦାଗ ଥାଏ । ଆଗଗୋଡ଼ର ଆଙ୍ଗୁଠି ଭିତରେ ପରଦା ଥାଏ ଓ ଗୋଡ଼ନଖକୁ ଘୋଡ଼ାଉଥିବା ପରଦା ସେତେ ବଡ଼ ହୋଇନଥିବାରୁ ନଖ ପୂରା ଢାଙ୍କି ହୁଏନାହିଁ । ଏମାନେ ଘଞ୍ଚ ଜଙ୍ଗଲରେ ରହନ୍ତି

ଏବଂ ଯେକୌଣସି ଜୀବ ମାରି ଖାଆନ୍ତି । ଗାଈ, ଗୋରୁ, ମେଣ୍ଢା ଏପରିକି କେବେ କେବେ ମଣିଷ ଛୁଆ ଉଠେଇ ନେବାର ଜଣାଅଛି । ପାଣିକୂଳିଆ ପଥର ଉପରେ ପେଟେଇପଡ଼ି ଏହି ବିଲେଇ ପାଣିରୁ ମାଛ ଝାମ୍ପିଆଣେ । ଏହି ବିରାଡ଼ିର ବଂଶବିସ୍ତାର ବିଷୟରେ ପ୍ରାୟ କିଛି ଜଣାନାହିଁ ।



ବଣଭୁଆ (କଟାସ)

ଇଂରାଜୀ ନାମ: ଜଙ୍ଗଲ କ୍ୟାଟ୍ **ବିଜ୍ଞାନ ନାମ:** *ଫେଲିସ୍ ଚାଉସ୍* ପିଅର୍‌ସନ୍


କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ଛୋଟ ସ୍ତନ୍ୟପାୟୀ ଜୀବ, ପକ୍ଷୀ, କୁକୁଡ଼ା **ସ୍ଥିତି:** ବିପନ୍ନ

ଦେହର ଲମ୍ବା ପ୍ରାୟ ୬୦ ସେ.ମି., ଲାଞ୍ଜ ପ୍ରାୟ ୩୦ ସେ.ମି., ଉଚ୍ଚତା ୩୦ ସେ.ମି. ଓ ଓଜନ ୫-୬ କେ.ଜି.। ଏହାର ଗୋଡ଼ଗୁଡ଼ିକ ବେଶ୍ ଲମ୍ବା। ନୀଳ ଆଖି ଯୋଗୁ ଏହା ବେଶ୍ ହିଂସ୍ର ଦେଖାଯାଏ। ଦେହର ରଙ୍ଗ ବାଲିଆ ଧୂସରରୁ ହଳଦିଆ ଧୂସର ହୋଇଥାଏ। ଲାଞ୍ଜର ଶେଷ ଆଡ଼କୁ କଳା ଗୋଲ ଦାଗ ଥାଏ ଓ ଅଗଟି କଳା ହୋଇଥାଏ। ପଞ୍ଜା ଫିକା ହଳଦିଆ ଓ ପାଦତଳ କଳା ବା ମାଟିଆ ହୋଇଥାଏ। କାନ ଦୁଇଟି ଲାଲ ଓ କାନ ଅଗରେ ସରୁ ବାଳ ଜିଛି ଥାଏ। ପେଟ ତଳ ଫିକା ରଙ୍ଗର ହୋଇଥାଏ ଓ ଏଥିରେ ଅଳ୍ପ କିଛି ଫିକା ଦାଗ ଥାଏ।

ବଣଭୂଆ ନଇକୂଳିଆ ସନ୍ତସନ୍ତିଆ ଜାଗା କିମ୍ବା ଶୁଖିଲା ଖୋଲା ଜାଗାରେ, ଘାସ ବୁଦାରେ ରହେ। କେତେ ଜାଗାରେ ସେ ଗାଁ ସହର ପାଖରେ ବି ରହେ। ସାଧାରଣତଃ ସକାଳେ ଓ ସନ୍ଧ୍ୟାବେଳେ ସେ ବାହାରକୁ ବାହାରେ। ଏହା ଚିତା ଭଳି ବେଶ୍ ଚଞ୍ଚଳ। ସେ ଛୋଟ ସ୍ତନ୍ୟପାୟୀ, ପକ୍ଷୀ ଓ ଗାଁ ପାଖରେ

ଥିଲେ କୁକୁଡ଼ା ଆଦି ଧରି ଖାଏ। ମାଲିକ ସାମନାରୁ ବି କୁକୁଡ଼ା ଉଠାଇ ନେବାର ଜଣାଅଛି। ଦେହର ଆକାର ତୁଳନାରେ ବେଶ୍ ଶକ୍ତ ଓ ଚଞ୍ଚଳ। ବର୍ଷକୁ ଦୁଇଥର ଜାନୁଆରୀ-ଏପ୍ରିଲ ଓ ଅଗଷ୍ଟ-ନଭେମ୍ବର ସମୟରେ ଥରକେ ସାଧାରଣତଃ ୩ଟି ଛୁଆ ଜନ୍ମ ହୁଏ। ଜନ୍ମ ବେଳେ ଛୁଆର ଆଖି ଫିଟି ନଥାଏ। ୧୧-୧୫ ଦିନରେ ଆଖି ଫିଟେ। କଟାସ ଛୁଆକୁ ଘରୋଇ ବିଲେଇ ଭଳି ପୋଷା ମନାଯାଇପାରେ।



ଚିତା ବିରାଡ଼ି

ଇଂରାଜୀ ନାମ: *ଲେପାର୍ଡ କ୍ୟାଟ୍* **ବିଜ୍ଞାନ ନାମ:** *ଫେଲିସ୍ ବେଙ୍ଗାଲେନ୍ସିସ୍* କେର୍


କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

ଜ'ଣ ଖାଏ: ଛୋଟ ପକ୍ଷୀ ଓ ସ୍ତନ୍ୟପାୟୀ ଜୀବ **ସ୍ଥିତି:** ବିପନ୍ନ

ଦେହର ଲମ୍ବା ପ୍ରାୟ ୬୦ ସେ.ମି., ଲାଞ୍ଜ ପ୍ରାୟ ୩୦ ସେ.ମି. ଓ ଓଜନ ୩-୪ କେ.ଜି.। ବିରାଡ଼ିର ଆକାର ଘରେଇ ବିରାଡ଼ି ଭଳି, କିନ୍ତୁ ଏହାର ଗୋଡ଼ଗୁଡ଼ିକ ବେଶୀ ଲମ୍ବା। ଦେହରେ ହଳଦିଆ ରଙ୍ଗରେ କଳା ଛିଟ ଯୋଗୁଁ ଏହା ଛୋଟ ଚିତାବାଘ ଭଳି ଦେଖାଯାଏ। ଏମାନଙ୍କ ଦେହର ରଙ୍ଗ ଉପର ପଟରେ ହଳଦିଆ ଓ ପେଟ ତଳ ପାଖରେ ଧଳା ହୋଇଥାଏ। ଦେହର ରଙ୍ଗ ଓ ଛିଟ ଦାଗ ବିଭିନ୍ନ ବିଲେଇଙ୍କର ଅଲଗା ହୋଇଥାଏ। ମୁଣ୍ଡର ଉପରୁ ବେକ ଯାଏଁ ଚାରୋଟି ଗାର ପଡ଼ିଥାଏ। ଏଗୁଡ଼ିକ ତା'ର ଲମ୍ବା କାନ୍ଧ ଉପରେ ଲମ୍ବି ଯାଇଥାଏ। ଗାଲ ଉପରେ ବି ଦୁଇଟା ଗାର ପଡ଼ିଥାଏ ଓ ତଳପଟେ ବେକ ତଳେ ଗୋଟିଏ କଳା ଗାରରେ ଯୋଡ଼ି ହୋଇଥାଏ। ଆଗ ଗୋଡ଼ର ଭିତର ପଟେ ମଧ୍ୟ ଦୁଇଟି ଗାର ପଡ଼ିଥାଏ। ଲାଞ୍ଜର ଶେଷ ଆଡ଼କୁ ଦାଗ ବଦଳି ଯାଇ ଲମ୍ବା ହୋଇଯାଇଥାଏ।

ଏହା ପ୍ରାୟ ରାତିରେ ଶିକାର କରେ। ସାଧାରଣତଃ ପକ୍ଷୀ ଓ ଛୋଟ ଜୀବ ମାରି ଖାଏ। ଗଛ କୋରଡ଼ରେ

ରହିବାକୁ ଭଲ ପାଏ। କେତେକ ଅଞ୍ଚଳରେ ଗାଁ ଆଖପାଖରେ ରହେ ଓ କୁକୁଡ଼ା ମାରି ବହୁତ କ୍ଷତି କରେ। ମାର୍ଚ୍ଚରୁ ମେ ମାସ ଭିତରେ ଥରକେ ୩-୪ଟି ଛୁଆ ଜନ୍ମ ହୁଏ। ଏହା ଘରେଇ ବିଲେଇ ଭଳି ବେଶ୍ ପୋଷା ମାନିଥାଏ।



କାରାକାଲ୍

ଇଂରାଜୀ ନାମ: *କାରାକାଲ୍* **ବିଜ୍ଞାନ ନାମ:** *ଫେଲିସ୍ କାରାକାଲ୍ ମାଟ୍‌ସାଇ*


କେଉଁଠି ଦେଖାଯାଏ: ମୟୂରଭଞ୍ଜ ଜିଲ୍ଲାରେ ଦେଖା ଯାଇଥିଲା । ଏବେ ଅଛି କି ନାହିଁ ସଠିକ ଜଣାନାହିଁ ।

କ'ଣ ଖାଏ: ଛୋଟ ପକ୍ଷୀ, ମୂଷା, ଛୋଟ ହରିଣ । **ସ୍ଥିତି:** ବିପନ୍ନ

ଦେହର ଲମ୍ବା ପ୍ରାୟ ୬୦ ସେ·ମି·, ଲାଞ୍ଜ ୨୫ ସେ·ମି· । ମୁଣ୍ଡ ଚଉଡ଼ା ଓ କାନରେ ତା'ର ମୋଞ୍ଚାଏ ରୁମ ଥାଏ । ପଛଗୋଡ଼ ଆଗ ଗୋଡ଼ ଅପେକ୍ଷା ଅଧିକ ଲମ୍ବା । ଦେହର ରଙ୍ଗ ଧୂସର ଓ ତାହା ମଇଳ ନରମ ରୁମରେ ଢାଙ୍କି ହୋଇଥାଏ । ପେଟ ତଳର ରଙ୍ଗ ଫିକା ହୋଇଥାଏ ଓ ସେଠାରେ ଛୋଟ ଛୋଟ ଫିକା ଦାଗ ଦେଖାଯାଏ । ଏଭଳି ଫିକା ଦାଗ ବେଳେ ବେଳେ ପିଠି ପଟେ ବି ଦେଖାଯାଏ ।

ଏହି ଜୀବଟି ଭାରତରେ ବେଶ୍ ବିରଳ । କାରାକାଲ୍‌ର ଲୁଚିରହିବା ସ୍ୱଭାବ ଯୋଗୁ ତା'ର ଚାଲିଚଳଣ ବିଷୟରେ ବହୁତ କମ୍ ଜଣାଅଛି । ଏହା ସାଧାରଣତଃ ଶୁଖିଲା ମରୁ ଅଞ୍ଚଳ ଓ ବୁଦା ଜଙ୍ଗଲରେ ରହେ । କାରାକାଲ ପକ୍ଷୀ, ମୂଷା ଓ ଛୋଟ ହରିଣ ଶିକାର କରି ଖାଏ । ଡେଇଁକରି ସେ ଉଡ଼ନ୍ତା ପକ୍ଷୀ ଧରିପାରେ ବୋଲି କୁହାଯାଏ । ମହୀଶୂର ଚିଡ଼ିଆଖାନାରେ ଗୋଟିଏ କାରାକାଲ ଥରେ ତା'ର ଯନ୍ତାକୁ ପଶି ଆସିଥିବା ବଡ଼ ନାଗ ସାପକୁ ମାରି ଜିଭି ଅଂଶ ଖାଇଦେଇଥିଲା ।

ଚିତାବାଘ ଭଳି ଏହାକୁ ବେଶ୍ ସହଜରେ ପୋଷା ମନାଯାଇପାରେ ଓ ଶିକାର କାମରେ ଲଗାଯାଏ । ତା'ର କ୍ଷିପ୍ରତା ଏବଂ ଆଖି ଓ ଗୋଡ଼ ଭିତରେ ଅସାଧାରଣ ସମନ୍ୱୟ ଏହାକୁ ଖୁବ୍ ଦକ୍ଷ ଶିକାରୀ କରେ । ଏହାର ବଂଶ ବିସ୍ତାର ବିଷୟରେ ପ୍ରାୟ କିଛି ଜଣାନାହିଁ । ତେବେ ଥରକେ ୨-୪ଟି ଛୁଆ ଜନ୍ମ ହୁଏ । ଗଛ କୋରଡ଼ରେ ବା ପଥର ଫାଙ୍କରେ ଏହା ବସା କରି ଛୁଆଙ୍କୁ ବଢ଼ାଏ । ଶୁଣାଯାଏ ଯେ କାରାକାଲ ଝିଙ୍କର ଗାତରେ ମଧ୍ୟ ତା'ର ଛୁଆଙ୍କୁ ରଖେ ।



ହେଟାବାଘ

ଇଂରାଜୀ ନାମ: ଷ୍ଟ୍ରାଇପ୍‌ଡ୍ ହାଏନା **ବିଜ୍ଞାନ ନାମ:** *ହାଏନା ହାଏନା* ଲିନିଅସ୍

କେଉଁଠି ଦେଖାଯାଏ: ହେନ୍ତାଳ ବଣ ଓ ସମୁଦ୍ର କୂଳ ସମେତ ଓଡ଼ିଶାର ସବୁ ଅଞ୍ଚଳରେ


କ'ଣ ଖାଏ: ଅନ୍ୟ ଜୀବ ଛାଡ଼ି ଯାଇଥିବା ଶିକାରର ଚମ, ହାଡ଼ ଭଳି ଟାଣ ଅଂଶ, ବେଳେବେଳେ ଛେଳି ମେଣ୍ଢା, ଗାଇଗୋରୁ **ସ୍ଥିତି:** ବିପନ୍ନ

ଦେହର ଲମ୍ବ ପ୍ରାୟ ୧୫୦ ସେ.ମି., ଉଚ୍ଚତା ୯୦ ସେ.ମି. ଓ ଓଜନ ପ୍ରାୟ ୩୮ କେ.ଜି. । ଦେଖିବାକୁ କୁକୁର ଭଳି କିନ୍ତୁ ମୁଣ୍ଡ ଓ ଦେହର ଆଗ ଅଂଶ ଖୁବ୍ ବଡ଼ । ଦେହର ପଛ ଭାଗ କିନ୍ତୁ ଦୁର୍ବଳ । ହେଟାର ରଙ୍ଗ ଦୁଧିଆରୁ ମାଟିଆ ବା ପାଉଁଶିଆ । ଗୋଡ଼ ଓ ଦେହରେ ପଟା ପଟା ଦାଗ ଥାଏ, କିନ୍ତୁ ଶୀତ ଦିନେ ତା'ର ବହଳିଆ ରୁମରେ ଏହା ଜଣାପଡ଼େ ନାହିଁ ।

ହେଟା ପ୍ରାୟତଃ ଜଙ୍ଗଲ ପାଖ ଖୋଲା ଅଞ୍ଚଳରେ ଗାତ ବା ପଥର ଖୋଲରେ ରହେ । ସେ ରାତିରେ ଶିକାର କରେ । ସାଧାରଣତଃ ଦୁଇଜଣିଆ ଯୋଡ଼ି ହୋଇ ଏମାନେ ଶିକାର କରନ୍ତି । ବେଳେ ବେଳେ ପାଞ୍ଚ ଛ'ଟି ହେଟା ଏକାଠି ଶିକାର କରିବାକୁ ଯାଆନ୍ତି । ଖାଦ୍ୟ ଖୋଜିବା ପାଇଁ ହେଟା କେତେ କିଲୋମିଟର ବାଟ ଯାଇଥାଏ । ମଲା ଜୀବ ବା ଅନ୍ୟ କାହାର ଶିକାରରୁ ପଡ଼ି ରହିଥିବା ଅଂଶକୁ ହେଟା

ଖାଇଥାଏ । ସେହି ଟାଣ ଚମ ବା ହାଡ଼ରୁ ସେ ବଡ଼ ବଡ଼ ଖଣ୍ଡ ଗିଳିଦିଏ । ଖାଇବା ପାଇଁ ସେ ତା'ର ବପାକୁ ମଧ୍ୟ କିଛି ବୋହି ନିଏ । ହେଟାର ମଳରେ ମୁଖ୍ୟତଃ ହାଡ଼ଗୁଣ୍ଡ ଥାଏ ଓ ଶୁଖିଗଲେ ତାହା ଧଳା ରଙ୍ଗର ଟାଣ ବଲ୍ ଭଳି ହୋଇଯାଏ । ହେଟାର ବପାରେ ହାଡ଼ ଓ ଏଭଳି ମଳ ଗଦା ହୋଇଥାଏ ।

ହେଟାବାଘର ବଂଶ ବିସ୍ତାର ବିଷୟରେ ବହୁତ କମ୍ ଜଣାଅଛି । ବୋଧହୁଏ ଶୀତଦିନେ ସେମାନଙ୍କର ମିଳନ ହୁଏ ଓ ଖରାଦିନେ ଛୁଆ ଜନ୍ମ ହୁଏ । ହେଟାବାଘକୁ ସହଜରେ ପୋଷା ମନାଇ ହୁଏ । ବଡ଼ ହେଲା ପରେ ବି ହେଟା ବହୁତ ଶାନ୍ତ ଓ ବିଶ୍ୱାସୀ ଥାଏ ।



କଳା ଲାଞ୍ଜୁଡ଼ିଆ ନେଉଳ

ଇଂରାଜୀ ନାମ: *ଷ୍ଟ୍ରାଇପ୍‌ଡ୍ ନେକ୍‌ଡ୍ ମନ୍‌ରୁଜ୍* **ବିଜ୍ଞାନ ନାମ:** *ହର୍ପିଷ୍ଟିସ୍ ଭିଟିକୋଲିସ୍* ବେନେଟ୍

କେଉଁଠି ଦେଖାଯାଏ: କେବଳ ଶିମିଳିପାଳ ଓ ଭିତରକନିକା ଅଞ୍ଚଳରେ

କ'ଣ ଖାଏ: ବେଙ୍ଗ, ମାଛ, କଙ୍କଡ଼ା, ଫଳ, ମୂଳ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ପ୍ରାୟ ୯୦ ସେ·ମି· ଓ ଓଜନ ପ୍ରାୟ ୩-୩·୫ କେ·ଜି· । ଏସିଆ ମହାଦେଶରେ ଦେଖାଯାଉଥିବା ସବୁ ନେଉଳ ଜାତିଙ୍କ ଭିତରେ ଏହା ସବୁଠାରୁ ବଡ଼ ।

ଏହାର କାନ ପାଖରୁ ଗୋଟିଏ କଳା ଗାର କାନ୍ଥ ଯାଏଁ ପଡ଼ିଥାଏ । ଦେହର ରଙ୍ଗ ଅଳ୍ପ ଲାଲ ମିଶା ମାଟିଆ । ଦେହର ପଛ ଆଡ଼କୁ ଲାଲ ରଙ୍ଗ ବେଶୀ ଗାଢ଼ ହୋଇଥାଏ । ଏହି ନେଉଳଟି ମୁଖ୍ୟତଃ ଜଙ୍ଗଲରେ ରହେ ଏବଂ ମଣିଷ ବସତି ପାଖରେ ଖୁବ୍ କମ୍ ଦେଖାଯାଏ । ବେଳେ ବେଳେ ଏହା କିନ୍ତୁ ଧାନ ଓ ଅନ୍ୟ ଫସଲ ଖେତରେ ପଶି ଶିକାର ଖୋଜେ ।

ଏହି ଶକ୍ତିଶାଳୀ ନେଉଳ ଗୁରାଣ୍ଠି, ଠେକୁଆ, ଜଙ୍ଗଲୀ ମୂଷା, ବିଲ ମୂଷା, ପକ୍ଷୀ, ସାପ ଆଦି ଶିକାର କରେ । ଧାନ ଜମି, ନଇକୂଳିଆ ସନ୍ତସନ୍ତିଆ ଅଞ୍ଚଳରୁ ବେଙ୍ଗ, ମାଛ, କଙ୍କଡ଼ା ଆଦି ଏବଂ ଫଳ ମୂଳ ବି ଖାଇଥାଏ । ଏହାର ବଂଶ ବିସ୍ତାର ବିଷୟରେ ପ୍ରାୟ କିଛି ଜଣାନାହିଁ ।



କଳା ଲାଞ୍ଜୁଡ଼ିଆ ନେଉଳ

ନେଉଳ

ଇଂରାଜୀ ନାମ: *କମନ୍ ମନ୍‌ଗୁଜ୍* **ବିଜ୍ଞାନ ନାମ:** *ହର୍ପିଷ୍ଟିସ୍ ଏଡୱାର୍ଡସ୍ ଜିଓଫ୍ରଏ*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ମୂଷା, ସାପ, ଏଣ୍ଡୁଅ, ବେଙ୍ଗ, କୀଟ, ବିଛା, ପକ୍ଷୀ ଅଣ୍ଡା, ଫଳମୂଳ **ସ୍ଥିତି:** ବିପଦମୁକ୍ତ

ବାଡ଼ି ବଗିଚାରେ ଦେଖାଯାଉଥିବା ଏହି ସାଧାରଣ ନେଉଳର ଦେହର ଲମ୍ବା ପ୍ରାୟ ୯୦ ସେ.ମି.। କେବଳ ତା'ର ଲାଞ୍ଜଟି ଦେହ ଲମ୍ବାର ପ୍ରାୟ ଅଧା ବା ୪୫ ସେ.ମି.। ଓଜନ ପ୍ରାୟ ଦେଢ଼ କେ.ଜି.। ହଳଦିଆ ଧୂସର ରଙ୍ଗର ନେଉଳର ରୁମରେ ପଟା ପଟା ଗୋଲ ଦାଗ ଥାଏ। ଲାଞ୍ଜର ଅଗ ଧଳା ବା ହଳଦି ମିଶା ଲାଲ ହୋଇଥାଏ।

ଖୋଲା ପଡ଼ିଆ, ବୁଦାଳିଆ ଜଙ୍ଗଲରେ ଗଛର ଖୋଲ, ପଥର ସନ୍ଧି, ଘାସ ବୁଦାରେ ରହେ। ବେଳେ ବେଳେ ଏମାନେ ଉଇ ଢୁଙ୍କାରେ ରହିବାର ଦେଖାଯାଏ। ଗାଁ ବା ସହର ଅଞ୍ଚଳରେ ନେଉଳ ଘରର ଛାତ, ଆଟୁ ବା ନଳାରେ ରହିଥାଏ। ଦିନ ଓ ରାତି ଉଭୟ ସମୟରେ ସେ ତା'ର ଖାଦ୍ୟ ଖୋଜେ। ସାଧାରଣତଃ ଏକା ବା ମାଇ ଅଣ୍ଡିରା ଯୋଡ଼ି ହୋଇ ଶିକାର କରନ୍ତି। ବିଲେଇ ଜାତୀୟ ପ୍ରାଣୀ ଛପି ଛପି ଶିକାର କରନ୍ତି, ନେଉଳ କିନ୍ତୁ ଦେଖିଲା ମାତ୍ରେ ଜୋରରେ ଦଉଡ଼ି ଶିକାରକୁ ଧରିନିଏ।

ଖାଦ୍ୟ ଖୋଜିଲା ବେଳେ ନେଉଳ ତା'ର ପଛ ଗୋଡ଼ରେ ଛିଡ଼ାହୋଇ ବେଶ୍ ଦୂରକୁ ଦେଖିପାରେ। ସେମାନେ ମାରିପାରୁଥିବା ସବୁ ପ୍ରକାରର ଛୋଟ ଜୀବଙ୍କୁ ଶିକାର କରନ୍ତି। କାହାର ଗାତ ଭିତରେ ପଶି ମଧ୍ୟ ସେମାନେ ତାକୁ ଶିକାର କରନ୍ତି। ବେଳେ ବେଳେ ନେଉଳ ଘରେ ପଶି ଏକାଠି ଥିବା ସବୁ କୁକୁଡ଼ାଙ୍କୁ ମାରିଦିଏ। ଏଭଳି ବେଶୀ ଶିକାର ମିଳିଗଲେ ସେ କେବଳ ରକ୍ତ ପିଇ ଚାଲିଯାଏ। ବିଷାକ୍ତ ସାପର ବୋଟକୁ ଏଡ଼ାଇ ତାକୁ ମାରିବାରେ ନେଉଳ ବେଶ୍ ଦକ୍ଷ, କିନ୍ତୁ ସାପ ବିଷ କାଟିବାର କିଛି ଶକ୍ତି ତା'ଦେହରେ ନଥାଏ।

ନେଉଳର ବର୍ଷର ସବୁ ସମୟରେ ଛୁଆ ଜନ୍ମ ହୁଏ। ବର୍ଷକୁ ତିନି ଥର ଛୁଆ ହୋଇପାରେ। ମା' ପେଟରେ ୬୦ ଦିନ ପାଇଁ ବଢ଼ିବା ପରେ ଛୁଆ ଜନ୍ମ ହୁଏ। ଏହା ଭଲ ପୋଷା ମାନିଥାଏ।



ଗାଡ଼ ଭାଲୁ

ଇଂରାଜୀ ନାମ: *ରାଟେଲ ବା ହନି ବାଜର୍* **ବିଜ୍ଞାନ ନାମ:** *ମେଲିଭୋରା କାପେନ୍‌ସିସ୍* ଜେର୍

ଜେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

ଜ'ଣ ଖାଏ: ଛୋଟ ସ୍ତନ୍ୟପାୟୀ, ପକ୍ଷୀ, ସରୀସୃପ, କୀଟ, ଫଳ ଓ ମହୁ **ସ୍ଥିତି:** ବିପନ୍ନ

ଦେହର ଲମ୍ବା ପ୍ରାୟ ୬୦ ସେ.ମି., ଲାଞ୍ଜ ୧୫ ସେ.ମି. ଓ ଓଜନ ୮-୧୦ କେ.ଜି.। ଦେଖିବାକୁ ଭାଲୁ ଭଳି। ଗୋଡ଼ ଛୋଟ ଓ ମୋଟା, ଲାଞ୍ଜ ଛୋଟ, ପାଦ ଚଉଡ଼ା, ନଖ ଲମ୍ବା ଓ ମୁଣ୍ଡା। ମୁଣ୍ଡ ଉପର ଓ ପିଠି ପଟ ହଳଦିଆ-ଧଳା ଓ ତଳପଟ ଗାଢ଼ ରଙ୍ଗର।

ଗାଡ଼ ଭାଲୁ ଶୁଖିଲା ପାହାଡ଼ିଆ ଅଞ୍ଚଳରେ ରହିବାକୁ ଭଲପାଏ। ବେଶୀ ବର୍ଷା ହେଉଥିବା ଅଞ୍ଚଳ ସେ ଭଲପାଏ ନାହିଁ। ସମତଳ ଅଞ୍ଚଳରେ ରହୁଥିଲେ ସେ ପହଡରେ ଗାତ ଖୋଳି ହେଉଥିବା ନଇନାଳର ବନ୍ଧରେ ରହେ। ଏହାର ଚାଲିଚଳଣି ମଧ୍ୟ କେତେ ଦିଗରୁ ଭାଲୁ ଭଳି। ସେ ନସର ପସର ହୋଇ ଚାଲେ ଓ ଭାଲୁ ଭଳି ଶୂନ ଭାଙ୍ଗେ। ଭାଲୁ ଭଳି ସେ ନଈ ବାଲିରେ ବଡ଼ ବଡ଼ ଗାତ ଖୋଳେ। ଏହା ସେମାନେ ବୋଧହୁଏ ପାଣି ପାଇଁ କରନ୍ତି।

ଏହା ମୁଖ୍ୟତଃ ମାଂସାହାରୀ। ସ୍ତନ୍ୟପାୟୀ ପ୍ରାଣୀ, ସାପ, ପକ୍ଷୀ, କୀଟ ଆଦି ସବୁ ସେ ଖାଏ। ଫଳ ଓ

ମହୁ ମଧ୍ୟ ସେ ଖାଇଥାଏ। ଗାଡ଼ ଭାଲୁ ତା'ର ଅନ୍ୟ ଜାତିଭାଇଙ୍କ ଭଳି ଖୁବ୍ ସାହସୀ। ପ୍ରତିରକ୍ଷା ପାଇଁ ସେ ତା'ର ଶକ୍ତ ନଖ, ମୁନିଆଁ ଦାନ୍ତରେ ମଣିଷକୁ ବି ଆକ୍ରମଣ କରେ। ଏସବୁ ଛଡ଼ା ତା'ଦେହରେ ଥିବା କିଛି ଗ୍ରନ୍ଥିରୁ ଦୁର୍ଗନ୍ଧଯୁକ୍ତ ରସ ଛାଡ଼ି ସେ ଶତ୍ରୁକୁ ଘଉଡ଼ାଇଦିଏ। ତା'ର ଟାଣ ଓ ଦୁଗୁଳା ଚମରେ ସହଜରେ ଦାନ୍ତ ଗଳେ ନାହିଁ, ତେଣୁ ଏହା ମଧ୍ୟ ତାକୁ ସୁରକ୍ଷା ଯୋଗାଏ।

ଏହାର ବଂଶ ବିସ୍ତାର ବିଷୟରେ ବହୁତ କମ୍ ଜଣାଅଛି। ଏମାନେ ଯୋଡ଼ି ହୋଇ ରହନ୍ତି। ତେବେ କେତେ ଦିନ ଏକାଠି ରହନ୍ତି ତାହା ଜଣାନାହିଁ। ମା' ପେଟରେ ଛଅମାସ ଧରି ବଢ଼ିବା ପରେ ଥରକେ ଦୁଇଟି ଛୁଆ ହୁଏ ବୋଲି ବିଶ୍ୱାସ କରାଯାଏ।



ପାଣି ଓଧ

ଇଂରାଜୀ ନାମ: *ଜମନ୍ ଓଟର୍* **ବିଜ୍ଞାନ ନାମ:** *ଲୁଟ୍ରା ଲୁଟ୍ରା* ଲିନିଅସ୍

କେଉଁଠି ଦେଖାଯାଏ: ହେନ୍ତାଳ ବଣ ଓ ସମୁଦ୍ର କୂଳ ସମେତ ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ମାଛ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୬୫-୭୫ ସେ.ମି., ଲାଞ୍ଜ ୪୦-୪୫ ସେ.ମି. ଓ ଓଜନ ୭-୧୧ କେ.ଜି.। ଦେହର ରଙ୍ଗ କଳାରୁ ବାଦାମୀ, ବେଳେ ବେଳେ ଧୂସର।

ହ୍ରଦ, ପୋଖରୀ କୂଳରେ ରହେ ଓ ପାଣିରେ ପଶି ତା'ର ମୁଖ୍ୟ ଖାଦ୍ୟ ମାଛ ଧରେ। ମାଛ ନ ମିଳିଲେ ଅନ୍ୟ ଜଳ ଜୀବ, ପକ୍ଷୀ କିମ୍ବା ଫଳ ପତ୍ର ସେ ଖାଇଥାଏ। ପୁରା ପରିବାର ମିଶି ମାଛ ଧରନ୍ତି। ବେଳେ ବେଳେ ଓଧ ଚିତ୍କାର କରେ। ପାଣି କୂଳରେ ବଢୁଥିବା ବଡ଼ ଗଛର ଚେର ତଳେ ଥିବା ଫାଙ୍କା ଜାଗା ବା ପଥର ସନ୍ଧିରେ ଓଧ ତା'ର ବସା କରେ।

ଓଧ ଅଧିକାଂଶ ସମୟ ପାଣିରେ କଟାଏ। ଋତୁ ଅନୁସାରେ ସେ ଅଲଗା ଅଲଗା ନଇନାଳ ବା ହ୍ରଦପୋଖରୀ କୂଳକୁ ତା'ର ବସା ଉଠାଏ। ଏଭଳି ବସା ବଦଳାଇବା ପାଇଁ ତାକୁ ମାଟି ଉପରେ ହିଁ ଯିବାକୁ ପଡ଼ଏ। କିନ୍ତୁ ମାଟି ଉପରେ ସେ ଭଲ ଭାବରେ ଚାଲିପାରେ ନାହିଁ।

ଓଧର ଦେହ ପାଣିରେ ଶିକାର କରିବା ପାଇଁ ବିଶେଷ ଭାବରେ ଗଢ଼ା। ଏହାର ଘଞ୍ଚ ଛୋଟ ରୁମ ପୂରା ଜଳରୋଧୀ, ମଙ୍ଗ ଭଳି କାମ କରୁଥିବା ଶକ୍ତ ମୋଟା ଲାଞ୍ଜ, ପାଣି ଭିତରେ ସହଜରେ ବାଟ କାଟି ପାରୁଥିବା ବେଲଣାକାର ଦେହ, ଆଦୁଲା ଭଳି ପାଦ, ପାଣି ପତନରେ ପ୍ରାୟ ମିଶି ରହୁଥିବା ଚେପଟା ଚଉଡ଼ା ମୁଣ୍ଡ ଆଦି ଏହାର ବିଶେଷତ୍ୱ। ଓଧର ପଛ ପାଦ ଆଗଠାରୁ ବଡ଼ ହୋଇଥାଏ ଏବଂ ନାକ ଅଗରେ ପୁଳାଏ ଟାଆଁଶା ନିଶ ଦୁଇ ପଟକୁ ବାହାରି ଥାଏ। ଏହାର ନମନୀୟ ଦେହର ପହଁରା ଅତି ସୁନ୍ଦର ଦେଖାଯାଏ। ଧୀରେ ପହଁରିଲାବେଳେ ସେ କେବଳ ତା'ର ଆଗ ଗୋଡ଼ କାମରେ ଲଗାଏ, କିନ୍ତୁ ଜୋରରେ ଯିବା ପାଇଁ ଆଗ ଓ ପଛ ଗୋଡ଼ ଏବଂ ଲାଞ୍ଜ ମଧ୍ୟ କାମରେ ଲାଗେ।

ଏହାର ବଂଶବିସ୍ତାର ବିଷୟରେ ପ୍ରାୟ କିଛି ଜଣାନାହିଁ। ଓଡ଼ିଶାରେ କେଉଟମାନେ ଓଧ ପାଳନ୍ତି ଏବଂ ମାଛକୁ ଜାଲ ଆଡ଼କୁ ମାଛ ତଡ଼ି ଆଣିବା କାମରେ ତାଙ୍କୁ ଲଗାନ୍ତି।



ଭାଲୁ

ଇଂରାଜୀ ନାମ: *ସ୍ଲଥ୍ ବିଅର୍* **ବିଜ୍ଞାନ ନାମ:** *ମେଲୁର୍‌ସସ୍ ଉର୍ସିନସ୍ ସ*

କେଉଁଠି ଦେଖାଯାଏ: ହେନ୍ତାଳ ବଣ ଓ ସମୁଦ୍ର କୂଳ ବ୍ୟତୀତ ଓଡ଼ିଶାର ଅନ୍ୟ ସବୁ ଅଞ୍ଚଳରେ

କ'ଣ ଖାଏ: ଫଳ, କୀଟ **ସ୍ଥିତି:** ବିପନ୍ନ

ଉଚ୍ଚତା ପ୍ରାୟ ୬୫-୮୫ ସେ.ମି., ଲମ୍ବା ୧୪୦-୧୭୦ ସେ.ମି. ଓ ଅଣ୍ଡିରା ଭାଲୁର ଓଜନ ୧୨୭ କେ.ଜି. ଓ ମାଈ ଭାଲୁର ୬୪ କେ.ଜି.। ପଛ ଗୋଡ଼ ଛୋଟ । ଛାତିରେ ଇଂରାଜୀ ଅକ୍ଷର 'ଭି' ଭଳି ଦାଗ ଥାଏ । ସାଧାରଣତଃ ଥୋମଣୀ ଓ ପାଦ ଧଳା, ନଖ ତୋଫା ଧଳା । ଦେହର ରଙ୍ଗ ମାଟିଆ । ଲମ୍ବା ଥୋମଣି ଓ ତଳ ଓଠ, ଝାମ୍ପୁଡ଼ା ବହଳ ରୁମ ଓ ଛୋଟ ପଛ ଗୋଡ଼ ଥିବା ଏହି ପ୍ରାଣୀଟି ଅନ୍ୟ ଭାଲୁଙ୍କ ତୁଳନାରେ ଦେଖିବାକୁ ବେଶ୍ ଅସୁନ୍ଦର ।

ଯଥେଷ୍ଟ ଖାଦ୍ୟ ଏବଂ ବିଶ୍ରାମ ନେବା ପାଇଁ ପଥର ସନ୍ଧି ଥିବା ଜାଗା ଭାଲୁର ପସନ୍ଦ । ସନ୍ଧ୍ୟା ଆଗରୁ ସେ ଗୁମ୍ଫାରୁ ବାହାରି ରାତି ସାରା ଶିକାର କରେ । ତା'ର ବିରାଟ ଦେହକୁ ଖାଦ୍ୟ ଯୋଗାଇବା ପାଇଁ ସେ ବହୁତ ବାଟ ବୁଲେ ଓ କଠିନ ପରିଶ୍ରମ କରେ । ଋତୁ ଓ ଅଞ୍ଚଳ ଅନୁସାରେ ତା'ର ଖାଦ୍ୟ ବଦଳେ । ଖରାଦିନେ ଜଙ୍ଗଲରେ ଅନେକ ପ୍ରକାରର ଫଳ ପାଚେ ଓ ମହୁ ମିଳେ । ବର୍ଷାଦିନେ କୀଟପତଙ୍ଗ ଯଥେଷ୍ଟ

ମିଳେ । କିନ୍ତୁ ଭାଲୁର ପ୍ରିୟ ଖାଦ୍ୟ ହେଉଛି ଉଇ । ଜନବସତି ପାଖରେ ରହୁଥିବା ଭାଲୁ ଆଖୁ, ମକା ଆଦି ଫସଲ ଖାଇଦିଏ । ଖଜୁରୀ ଗଛରେ ଚଢ଼ି ଖଜୁରୀ ରସ ପିଇଦିଏ । ମହୁଲ ବି ତା'ର ପ୍ରିୟ ଖାଦ୍ୟ ।

ସାଧାରଣତଃ ଗରମ ଦିନରେ ଭାଲୁର ମିଳନ ହୁଏ ଓ ସାତ ମାସ ପରେ ଡିସେମ୍ବର-ଜାନୁଆରୀ ବେଳକୁ ଛୁଆ ଜନ୍ମ ହୁଏ । ଛୁଆ ଟିକିଏ ବଡ଼ ହୋଇଗଲେ ମା' ପିଠିରେ ଚଢ଼ି ଯିବା ଆସିବା କରେ । ବୟଃପ୍ରାପ୍ତ ହେବା ପର୍ଯ୍ୟନ୍ତ ଦୁଇ ତିନି ବର୍ଷ ଯାଏଁ ଛୁଆ ମା' ସାଙ୍ଗରେ ରହେ ।



ଶାଳିଆପତିନି

ଇଂରାଜୀ ନାମ: ସ୍ମଲ୍ ଇଣ୍ଡିଆନ୍ ସିଭେଟ୍ **ବିଜ୍ଞାନ ନାମ:** ଭିଭେରିକୁଲା ଇଣ୍ଡିକା ଡେସ୍‌ମାରେଷ୍ଟ

କେଉଁଠି ଦେଖାଯାଏ: ହେନ୍ତାଳ ବଣ ବ୍ୟତୀତ ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ମୂଷା, ଗୁଣ୍ଡୁଚି ମୂଷା, ଛୋଟ ପକ୍ଷୀ, ଏଣ୍ଡୁଅ, କୀଟପତଙ୍ଗ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ପ୍ରାୟ ୯୦ ସେ.ମି. (ଏଭିତରୁ ଲାଞ୍ଜର ଲମ୍ବା ୩୦ ସେ.ମି.), ଓଜନ ୩-୪ କି.ଗ୍ରା.। ଦେହର ରଙ୍ଗ ଧୂସର ମାଟିଆ। ଦେହ ସାରା ଧାଡ଼ି ଧାଡ଼ି ହୋଇ ଦାଗ ଥାଏ। ବେକରେ କେତେଗୁଡ଼ିଏ ଗାର ପଡ଼ିଥାଏ।

ସାଧାରଣତଃ ଲମ୍ବା ଘାସ ବା ବୁଦା ଜଙ୍ଗଲରେ ଗାତ, ପଥର ତଳେ ବା ବୁଦା ମୂଳେ ରହେ। କେତେକ ଗାଁ ବା ସହର ପାଖ ନଳା, ପୁରୁଣା ଘରେ ରହନ୍ତି। ଏହା ମୁଖ୍ୟତଃ ରାତିରେ ଶିକାର କରେ। ଏହା ଏକ ଦକ୍ଷ ଚଢ଼ାଳି - ସଳଖ ଗଛରେ ମଧ୍ୟ ସେ ଚଢ଼ିଯାଇ ପାରେ। ତଥାପି ସେ ମାଟି ଉପରେ ଶିକାରକୁ ବେଶୀ ପସନ୍ଦ କରେ। ମୂଷା, ଗୁଣ୍ଡୁଚି ମୂଷା, ଏଣ୍ଡୁଅ, ଛୋଟ ଚଢ଼େଇ ଏବଂ କୀଟ ଓ ଡାଙ୍ଗ ଶୁକ ଏହାର ମୁଖ୍ୟ ଶିକାର। ସୁବିଧା ପାଇଲେ ସେ କୁକୁଡ଼ା ଓ ଅନ୍ୟ ଗୃହପାଳିତ ପଶୁଙ୍କୁ ମଧ୍ୟ ମାରିଦିଏ। ଶାଳିଆପତିନି ଫଳ, ମୂଳ ବି ଖାଏ। ବରକୋଳି ତା'ର ବହୁତ ପ୍ରିୟ।

ଶାଳିଆପତିନିର କିଛି ନିର୍ଦ୍ଦିଷ୍ଟ ମିଳନ ଋତୁ ଥିବାର ଜଣା ନାହିଁ। ବର୍ଷର ସବୁ ସମୟରେ ତା'ର ଛୁଆ ଜନ୍ମ ହୁଏ। ମାଟିରେ, ଗଛମୂଳରେ, ପଥର ତଳେ ବା ନାଳ ଧାରରେ ସୁଡ଼ଙ୍ଗ ଖୋଳି ସେ ବସା କରେ। ସୁଡ଼ଙ୍ଗ ଶେଷରେ ଗୋଟିଏ ଛୋଟ କୋଠରୀ ଖୋଳି ସେଥିରେ ଶାଳିଆପତିନି ଛୁଆ ଦିଏ। ଥରକେ ତା'ର ୪-୫ଟି ଛୁଆ ହୁଏ। କେବଳ ମା' ହିଁ ଛୁଆର ଯତ୍ନ ନିଏ।

ଛୁଆମାନେ ବିଲେଇର ମିଉଁ ଭଳି ଜୋର ଶବ୍ଦ କରନ୍ତି। ବଡ଼ ଶାଳିଆପତିନି ଖୁସୀ ହୋଇଗଲେ ଏକ ପ୍ରକାରର ଟିକ୍ ଟିକ୍ ଶବ୍ଦ କରେ। ଏମାନେ ଭଲ ପୋଷା ମାନନ୍ତି। ତାଙ୍କ ଦେହରୁ ବାହାରୁଥିବା କସ୍ତୁରୀ ଭଳି ଗନ୍ଧ ସଂଗ୍ରହ କରିବା ପାଇଁ ତାଙ୍କୁ କେତେ ଲୋକ ପାଳିଥା'ନ୍ତି।



ବଡ଼ ଶାଳିଆପଡିନି

ଇଂରାଜୀ ନାମ: *ଲାର୍ଜ ଇଣ୍ଡିଆନ୍ ସିଭେଟ୍* **ବିଜ୍ଞାନ ନାମ:** *ଭିଭେରା ଜିବେଥା ଲିନିଅସ୍*

କେଉଁଠି ଦେଖାଯାଏ: ମୟୂରଭଞ୍ଜ ଓ ଓଡ଼ିଶାର ସମୁଦ୍ରକୂଳ ଅଞ୍ଚଳ


କ'ଣ ଖାଏ: ସାପ, ବେଙ୍ଗ, କଙ୍କଡ଼ା, କୀଟପତଙ୍ଗ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବ ପ୍ରାୟ ୮୦ ସେ.ମି., ଉଜଡା ୪୫ ସେ.ମି. । ମାଇ, ଅଣ୍ଡିରା ପ୍ରାୟ ଏକା ଆକାରର । ମୁଣ୍ଡଟି ଲମ୍ବାଳିଆ, ଗୋଡ଼ ଛୋଟ, ପିଠି ଉପରେ ଗୋଟିଏ କଳା ଗାର ପଡ଼ିଥାଏ । ଗାଢ଼ ଧୂସର ରଙ୍ଗ ବେକ ପାଖରେ କଳା ଗାର ଥାଏ । ଦେହରେ ଛିଟ ଦାଗ ଥାଏ, କିନ୍ତୁ ସହଜରେ ଜଣାପଡ଼େ ନାହିଁ । ଶୀତ ଦିନରେ ତା'ର ବହଳ ରୁମରେ ଦାଗ ଆଦୌ ବାରିହୁଏ ନାହିଁ ।

ବଡ଼ ଶାଳିଆପଡିନି ଏକା ଏକା ଜଙ୍ଗଲରେ ବା ବୁଦାଳିଆ ଜଙ୍ଗଲରେ ରହେ । ସେ ଦିନରେ ଶୁଏ ଓ ରାତିରେ ଶିକାର କରେ । ସେ ମାରିପାରୁଥିବା ସବୁ ପ୍ରକାରର ଛୋଟ ପଶୁପକ୍ଷୀଙ୍କୁ ଶିକାର କରେ । ସେ ସାପ, ବେଙ୍ଗ, କଙ୍କଡ଼ା, କୀଟ ସବୁ ପ୍ରକାର ଜୀବ ଖାଇଥାଏ । କୋଳି, ଫଳ, ମୂଳ ବି ଖାଏ । ଗାଁ ପାଖରେ ଥିଲେ ଆସି କୁକୁଡ଼ା ଖାଇଦିଏ ।

ମେ ଜୁନ୍ ମାସରେ ବଡ଼ ଶାଳିଆପଡିନିଙ୍କର ମିଳନ ହୁଏ ଓ ଥରକେ ତିନି ଚାରିଟି ଛୁଆ ହୁଏ ।

ଏମାନଙ୍କର ବାସ୍ନା ଗ୍ରନ୍ଥି ବେଶ୍ ବଡ଼ । ଏହାର ଆକାର ପ୍ରାୟ ୬ ସେ.ମି.ରେ ୪ ସେ.ମି. ହୋଇଥାଏ । ଏମାନଙ୍କର ବାସ୍ନା ରସରେ କୁକୁର ବହୁତ ଉତ୍ତେଜିତ ହୁଏ ।



ତାଳି ଓଧ

ଇଂରାଜୀ ନାମ: *କମନ୍ ପାମ୍ ସିଭେଟ୍*
ବିଜ୍ଞାନ ନାମ: *ପାରାଡକ୍ସରସ୍ ହର୍ମାଫ୍ରୋଡିଟସ୍* ପଲାସ୍
କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ
କ'ଣ ଖାଏ: ଛୋଟ ଜୀବ, ପକ୍ଷୀ, ଫଳ
ସ୍ଥିତି: ବିପଦମୁକ୍ତ

ଦେହର ଲମ୍ବା ପ୍ରାୟ ୬୦ ସେ·ମି·, ଲାଞ୍ଜ ଲମ୍ବା ବି ପ୍ରାୟ ୬୦ ସେ·ମି·, ଓଜନ ୩-୪·୫ କି·ଗ୍ରା· । ଦେହର ରଙ୍ଗ କଳା ବା କଳାମିଶା ମାଟିଆ ଓ ପେଟ ତଳ ଫିକା ରଙ୍ଗର । ଆଖି ତଳକୁ ଗୋଟିଏ ଧଳା ଦାଗ ଥାଏ । ବେଳେ ବେଳେ ଆଖି ଉପରେ ବି ସେଭଳି ଦାଗ ଦେଖାଯାଏ । ତା'ର ଗୋଡ଼ଗୁଡ଼ିକ କଳା ବା ଗାଢ଼ ଖଇରିଆ ରଙ୍ଗର ହୋଇଥାଏ । ତାଳି ଓଧର ଦେହରେ ଲମ୍ବା ମୋଟାଳିଆ ରୁମ ଥାଏ ।

ତାଳି ଓଧ ଜଙ୍ଗଲିଆ ଅଞ୍ଚଳରେ ରହେ । ଗଛ କୋରଡ଼ରେ ବା ତାଳ ଉପରେ ଦିନସାରା ଶୋଇଥାଏ । ଗାଁ ବା ସହର ପାଖରେ ବଡ଼ ଆମ୍ବ ବା ତାଳ, ଖଜୁରୀ ଗଛରେ ରହେ । ପ୍ରାକୃତିକ ଭାବରେ ଗଛରେ ରହୁଥିବା ଏହି ଜୀବଟି କିନ୍ତୁ ମଣିଷ ପାଖରେ ରହିବାର ଅଭ୍ୟାସ ମଧ୍ୟ ରଖିଛି । ତେଣୁ ଜନବସତି ପାଖରେ ବି ଅନେକ ସଂଖ୍ୟାରେ ଏମାନେ ଦେଖାଯା'ନ୍ତି । ଗାଁ ସହରରେ ଏମାନେ ଛାତ, ଖାଲିଘର, ନଳା ଆଦିରେ ରହନ୍ତି ।

ତାଳି ଓଧ ରାତିରେ ଶିକାର କରେ । ସପୁରୀ ଓ କଫି ବଗିଚାରେ ଫଳ ଆସିଥିବା ବେଳେ ସେଠାରେ ରହିବାକୁ ସେ ଭଲ ପାଏ । ଖଜୁରୀ ଗଛର ରସ ସଂଗ୍ରହ କରିବାକୁ ବନ୍ଧା ଯାଇଥିବା ଠେକିରୁ ସେ ସେହି ମିଠା ରସ ପିଇଯାଏ । ତେଣୁ କେତେ ଜାଗାରେ ତାଙ୍କୁ ତାଡ଼ି ବିରାଡ଼ି ମଧ୍ୟ କୁହାଯାଏ ।

ତାଳି ଓଧ ବେଶ୍ ସହଜରେ ପୋଷା ମାନେ । ଏମାନେ ବର୍ଷର ସବୁ ସମୟରେ ଛୁଆ ଜନ୍ମ କରନ୍ତି । ଗଛ କୋରଡ଼ରେ ବା ପଥର ତଳେ ମା' ଥରକେ ତିନି ଚାରୋଟି ଛୁଆ ଜନ୍ମ କରେ ।



ଠେକୁଆ

ଇଂରାଜୀ ନାମ: *ଇଣ୍ଡିଆନ୍ ହେୟାର୍* **ବିଜ୍ଞାନ ନାମ:** *ଲେପସ୍ ନିଗ୍ରିକୋଲିସ୍ ଜିଓଫ୍ରଏ*

ଜେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ ।

କ'ଣ ଖାଏ: ଘାସ, ପତ୍ର, ଫଳ, ପରିବା **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୪୦-୫୦ ସେ·ମି· ଓ ଓଜନ ୧·୫-୨·୫ କି·ଗ୍ରା· । ଏହି ସାଧାରଣ ଜାତିର ଠେକୁଆର ବେକ ଉପରେ ଗୋଟିଏ ମାଟିଆ କଳା ରଙ୍ଗର ଦାଗ କାନ୍ଧରୁ କାନ ଯାଏଁ ପଡ଼ିଥାଏ ।

ଏମାନେ ଆଖପାଖରେ ଚାଷଜମି ଥିବା ବୁଦାଳିଆ ଜଙ୍ଗଲରେ ରହନ୍ତି । ଘଞ୍ଚ ଜଙ୍ଗଲରେ ଏମାନେ ରହିବାକୁ ଭଲପାଆନ୍ତି ନାହିଁ । ଏମାନେ ସାଧାରଣତଃ ରାତିରେ ବାହାରନ୍ତି । ଦିନରେ ବି ବାହାରି ଘାସ ପଡ଼ିଆରେ ଶୁଅନ୍ତି ଓ ଚରନ୍ତି । ପାଦରେ ମାଟି ଆଡ଼େଇ ସେମାନେ ଅଳ୍ପ ଗଭୀର ଗାତ ଖୋଳନ୍ତି ଓ ଦିନବେଳେ ସେଥିରେ ଶୁଅନ୍ତି ।

ଠେକୁଆ ବହୁତ ନିରୀହ ଜୀବ । ବିଲୁଆ, କୋଜିଶିଆଳି, ଗଧିଆ, ନେଉଳ, ବଣଭୁଆ, କୁକୁର ଆଦି ଏମାନଙ୍କର ମୁଖ୍ୟ ଶତ୍ରୁ । ମଣିଷ ବି ଏମାନଙ୍କର ଆଉ ଗୋଟିଏ ବଡ଼ ଶତ୍ରୁ । ଶତ୍ରୁ ଦେଖିଲେ ଏମାନେ ଚୁପଚାପ ମାଟିରେ ପେଟେଇ ରହନ୍ତି । ଶତ୍ରୁ ହାବୁଡ଼ି ଗଲେ ଦୌଡ଼ି ପଳାନ୍ତି । ପେଚା ଓ ଚିଲ ମଧ୍ୟ



ଠେକୁଆ ଛୁଆକୁ ଉଠେଇ ନେବାର ଦେଖାଯାଏ ।

ଏମାନଙ୍କର ବର୍ଷସାରା ଛୁଆ ଜନ୍ମ ହେଉଥାଏ । କିନ୍ତୁ ବର୍ଷାଦିନେ ଓ ଶୀତଦିନେ ଅଧିକ ଛୁଆ ହୁଏ । ଥରକେ ୧-୪ଟି ଛୁଆ ଜନ୍ମ ହୁଏ । ଖାଦ୍ୟର ପରିମାଣ ଉପରେ ଏମାନଙ୍କର ଛୁଆ ସଂଖ୍ୟା ନିର୍ଭର କରେ । ବର୍ଷାଦିନେ ଅଧିକ ଖାଦ୍ୟ ମିଳୁଥିବାରୁ ସେତେବେଳେ ଥରକରେ ୩-୪ ଛୁଆ ହୋଇଥାଏ ।

ବଣ ଚୁଚୁନ୍ଦ୍ରା

ଇଂରାଜୀ ନାମ: ଟ୍ରି ସ୍ରିଉ **ବିଜ୍ଞାନ ନାମ:** *ଆନାଥାନା ଏଲିଓଟି* ୱାଟରହାଉସ୍

କେଉଁଠି ଦେଖାଯାଏ: ଢେଙ୍କାନାଳ ଜିଲ୍ଲା ଓ ଶିମିଳିପାଳ ଜଙ୍ଗଲରେ

କ'ଣ ଖାଏ: କୀଟ, ଫଳ, ଛୋଟ ଜୀବ ଓ ପକ୍ଷୀ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୧୮-୨୦ ସେ.ମି., ଲାଞ୍ଜ ୨୦-୨୩ ସେ.ମି.। ଚୁଚୁନ୍ଦ୍ରା ଭଳି ଏହାର ଥୋଡ଼ି ଲମ୍ବା, କିନ୍ତୁ ଗୋଲ କାନ, ଦେହ, ଗୋଡ଼ ଓ ଲାଞ୍ଜ ଗୁଣ୍ଡୁଚି ମୂଷା ଭଳି। ଗୋଡ଼ର ଆଙ୍ଗୁଠି ଲମ୍ବା ଓ ନଖ ମୁନିଆ ଓ ସାମାନ୍ୟ ବଙ୍କା ହୋଇଥିବାରୁ ସହଜରେ ଗଛ ଚଢ଼ିପାରେ।

ଭଲ ଗଛ ଚଢ଼ି ପାରୁଥିଲେ ବି ସେ ତା'ର ଖାଦ୍ୟ ମାଟି ଉପରେ ହିଁ ଖୋଜେ। ଶତ୍ରୁ ଠାରୁ ବଞ୍ଚିବା ଓ ଆଶ୍ରୟ ଖୋଜିବା ପାଇଁ ସେ ଗଛ ଉପରକୁ ଉଠେ। ଝଡ଼ା ପତ୍ର ଓ ପଥର ତଳେ ବା ପଥର ଫାଟରେ ସେ ତା'ର ଲମ୍ବା ଥୋମଣି ପୂରାଇ ଖାଦ୍ୟ ଖୋଜେ। ବୁଦା ଗଛରେ ସେ ତଳ ଉପର ହୋଇ କୀଟ ଧରି ଖାଇଥାଏ। କୀଟ ଏମାନଙ୍କର ମୁଖ୍ୟ ଖାଦ୍ୟ, କିନ୍ତୁ ଫଳ ଓ ଛୋଟ ସ୍ତନ୍ୟପାୟୀଙ୍କୁ ମଧ୍ୟ ସେମାନେ ଧରି ଖାଆନ୍ତି।

ବଣ ଚୁଚୁନ୍ଦ୍ରା ମାଟି ଉପରେ ନେଉଳ ଭଳି ଦୌଡ଼ା ଦୌଡ଼ି କରୁଥାଏ। କିନ୍ତୁ ଗଛ ଉପରେ ତାଙ୍କର

କାର୍ଯ୍ୟକଳାପ ଗୁଣ୍ଡୁଚି ମୂଷା ଭଳି ହୋଇନଥାଏ। ଏମାନେ ପାଣି ପିଇବାକୁ ଓ ଗାଧୋଇବାକୁ ଭଲ ପାଆନ୍ତି। ଏମାନଙ୍କ ବଂଶବିସ୍ତାର ବିଷୟରେ ବହୁତ କମ୍ ଜଣାଅଛି। ଥରକେ ଗୋଟିଏ ଛୁଆ ଜନ୍ମ ହୁଏ। ଗୋଟିଏ ଯୋଡ଼ି ବା ପରିବାର ତାଙ୍କର ଇଲାକା ଚିହ୍ନଟ କରି ଦିଅନ୍ତି। ନିଜ ଜାତିର ଅନ୍ୟ କେହି ତାଙ୍କ ଅଞ୍ଚଳକୁ ପଶି ଆସିଲେ ତାକୁ ତଡ଼ି ଦିଅନ୍ତି। ଏମାନେ ବେଶ୍ ସହଜରେ ପୋଷା ମାନନ୍ତି।



ଚୁଚୁନ୍ଦ୍ରା

ଇଂରାଜୀ ନାମ: *ଗ୍ରାଉଣ୍ଡ ସ୍ପ୍ରିଉ* **ବିଜ୍ଞାନ ନାମ:** *ସନ୍‌କସ୍ ମୁରିନସ୍ ଲିନିଅସ୍*

ଜେଉଁଠି ଦେଖାଯାଏ: ଗଞ୍ଜାମ, ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର ଏବଂ କଟକ ଜିଲା

କ'ଣ ଖାଏ: କୀଟ ଓ ଅନ୍ୟ ଛୋଟ ଜୀବ, **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୧୫ ସେ.ମି., ଲାଞ୍ଜ ୮ ସେ.ମି. । ଲମ୍ବା ଗୋଡ଼ିଆ ଥୋମଣି । ଉପର ଓଠ ତଳ ଓଠ ଅପେକ୍ଷା ବେଶ୍ ଆଗକୁ ମାଡ଼ିଯାଇଥାଏ । ଆଖି ଛୋଟ, କାନ ଦୁଇଟି ଗୋଲ । ଦେହର ରଙ୍ଗ ଧୂସର । ଥୋମଣି, କାନ, ପାଦ ଏବଂ ଲାଞ୍ଜ ଗୋଲାପି ରଙ୍ଗର ହୋଇଥାଏ । ଦେହରେ ନରମ ରୁମ ଥାଏ । ପାଦ ଓ ଲାଞ୍ଜରେ ଖୁବ୍ ଅଳ୍ପ ରୁମ ଥାଏ ।

ଉଭୟ ତଳ ଓ ଉପର ମାଡ଼ିର ସାମନାରେ ଦୁଇଟି କରି ଦାନ୍ତ ଅନ୍ୟ ସବୁ ଦାନ୍ତଠାରୁ ଅଲଗା ହୋଇଥାଏ । ଉପର ମାଡ଼ିରେ ଏଗୁଡ଼ିକ ବଙ୍କୁଲା ହୋଇଥାଏ । ତଳ ମାଡ଼ିରେ ଆଗର ଏହି ଲମ୍ବା ଦାନ୍ତ ଦୁଇଟି ଓ ଭୂସମାନ୍ତର ଭାବରେ ଆଗକୁ ବାହାରି ଥାଏ ।

ପୋକ ଖୋଜିବା ପାଇଁ ବେଳେ ବେଳେ ଏହା ଘର ଭିତରେ ପଶିଯାଏ । ତରିଗଲେ ସେ ଜୋର ଚିଁ ଚିଁ ଶବ୍ଦ କରେ । ମୂଷା ଭଳି ଚେହେରା ଓ ଗନ୍ଧ ଯୋଗୁଁ ଲୋକେ ଏହାକୁ ଦେଖୁ ଦେଖୁ ମାରିଦିଅନ୍ତି । କିନ୍ତୁ

ପ୍ରକୃତରେ ଏମାନେ ଅସରପା ଓ ଅନ୍ୟ ଅପକାରୀ କୀଟଙ୍କୁ ଖାଇ ଆମର ବେଶ୍ ଉପକାର କରନ୍ତି । ଏମାନେ ମୂଷାକୁ ମୋଟେ ପସନ୍ଦ କରନ୍ତି ନାହିଁ ଓ ତଡ଼ି ଦିଅନ୍ତି ।

ଦେହର ଦୁଇପଟେ ଥିବା ଦୁଇଟି ଗ୍ରନ୍ଥିରୁ ଏକ ପ୍ରକାରର କଡ଼ା ଗନ୍ଧ ବାହାରେ । ମିଳନ ଋତୁରେ ବେଶୀ ଗନ୍ଧ ହୁଏ । ବିଶ୍ୱାସ କରାଯାଏ ଯେ ଚୁଚୁନ୍ଦା ଯାହା ଛୁଏଁ ସେସବୁ ବିଷାକ୍ତ ହୋଇଯାଏ । ଏହା କିନ୍ତୁ ସତ ନୁହେଁ । ଏମାନେ ବୟଃପ୍ରାପ୍ତ ହେବା ଆଗରୁ ଛୁଆ ଜନ୍ମ କରନ୍ତି । କୁଟା, ଶୁଖିଲା ପତ୍ର ଏବଂ ଅନ୍ୟ ଅଳିଆ ଜମେଇ ବସା ତିଆରି କରନ୍ତି ଏବଂ ସେଥିରେ ଥରକେ ୨-୩ଟି ଛୁଆ ଦିଅନ୍ତି । ଛୁଆଗୁଡ଼ିକ ବେଶ୍ ଚଞ୍ଚଳ ବଢ଼ିଯାଆନ୍ତି ଏବଂ ଜଣେ ଆଉ ଜଣଙ୍କର ଲାଞ୍ଜକୁ ପାଟିରେ ଧରି ଧାଡ଼ି ହୋଇ ମା' ପଛେ ପଛେ ଖାଦ୍ୟ ଖୋଜିବା ପାଇଁ ଯାଆନ୍ତି ।



ହନୁମାଙ୍କଡ଼


ଇଂରାଜୀ ନାମ: *ହନୁମାନ୍ ଲାଙ୍ଗୁର୍* **ବିଜ୍ଞାନ ନାମ:** *ପ୍ରେସ୍‌ବାଇଟିସ୍ ଏଙ୍କେଲସ୍ ଡଫ୍ରିସ୍ନି*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ଡାଳ, ପତ୍ର, ଫଳ, ମୂଳ, ପରିବା **ସ୍ଥିତି:** ବିପଦମୁକ୍ତ

ବସିଲା ବେଳେ ୬୦-୭୫ ସେ·ମି· ଉଚ୍ଚ, ଲାଞ୍ଜ ୯୦-୧୦୦ ସେ·ମି· ଲମ୍ବା । ଏମାନଙ୍କ ଗୋଡ଼ ଓ ଲାଞ୍ଜ ବେଶ୍ ଲମ୍ବା ଓ ମୁହଁ କଳା । ଏମାନେ ଜଙ୍ଗଲ, ଗାଁ, ସହର ସବୁ ଅଞ୍ଚଳରେ ଦେଖାଯା'ନ୍ତି ଏବଂ ପ୍ରାୟ ଗଛ ଉପରେ ରହନ୍ତି । ଏମାନେ ମଣିଷକୁ ପ୍ରାୟ ଡରନ୍ତି ନାହିଁ । ଗଛ ଉପରେ ଡିଆଁଡେଇଁ କରିବାରେ ଏମାନେ ଅତି ଆଶ୍ଚର୍ଯ୍ୟଜନକ ଦକ୍ଷତା ଦେଖାନ୍ତି । ମାଟି ଉପରେ ସେମାନେ ଚାରି ଗୋଡ଼ରେ ପାହୁଣ୍ଡ ପକାଇ ବା କୁଦ ମାରି ଚାଲନ୍ତି ବା ଦୌଡ଼ନ୍ତି ।

ହନୁ ମାଙ୍କଡ଼ ଫଳ, ଫୁଲ, କଢ଼, ଡାଳ, ପତ୍ର ଆଦି ଖାଆନ୍ତି । ବଡ଼ି ସକାଳ ଓ ସନ୍ଧ୍ୟା ଡାଙ୍କର ଖାଇବା ସମୟ । ଦିନ ମଝିରେ ସେମାନେ କୌଣସି ଛାଇ ଜାଗାରେ ବିଶ୍ରାମ ନିଅନ୍ତି । ଜଙ୍ଗଲରେ ଏମାନଙ୍କର ବଡ଼ ଶତ୍ରୁ ହେଉଛି ଜଲରାପଡରିଆ ବାଘ । କେହି ଜଣେ ବାଘ ବା ଅନ୍ୟ ସନ୍ଦେହଜନକ ପଶୁ ଦେଖିବା ମାତ୍ରେ ପୂରା ଦଳକୁ ସତର୍କ କରିଦିଏ । ସବୁ ବୟସର ହନୁ ମିଶି ଏକାଠି ଦଳ ହୋଇ



ରହନ୍ତି । ଗୋଟିଏ ଦଳରେ ପ୍ରାୟ ୧୫ଟି ମାଙ୍କଡ଼ ରହନ୍ତି । ଏମାନେ ୧·୫ରୁ ୧୩ ବର୍ଗ କଲୋମିଟର ଭିତରେ ବୁଲନ୍ତି । ଅଣ୍ଡିରା ମାଙ୍କଡ଼ ଦଳର ମୁଖିଆ ଥାଏ ।

ଜାନୁଆରୀ-ଫେବୃଆରୀ ମାସରେ ମାଙ୍କଡ଼ ଛୁଆ ଜନ୍ମ ହୁଏ । ମା' ପେଟରେ ଛଅ ମାସ ବଢ଼ିବା ପରେ ଥରକେ ଗୋଟିଏ ଛୁଆ ଜନ୍ମ ହୁଏ । ମାଇ ମାଙ୍କଡ଼ ସାଢ଼େ ତିନି ବର୍ଷର ହେଲା ବେଳକୁ ବୟଃପ୍ରାପ୍ତ ହୁଏ ଏବଂ ପ୍ରତି ଦୁଇ ବର୍ଷରେ ଛୁଆ ଜନ୍ମ କରେ ।

ପାତିମାଙ୍କଡ଼

ଇଂରାଜୀ ନାମ: *ରିସସ୍ ମାକାକ୍* **ବିଜ୍ଞାନ ନାମ:** *ମାକାକ୍ ମୁଲାଟା* ଜିମର୍‌ମାନ୍

କେଉଁଠି ଦେଖାଯାଏ: ହେନ୍ତାଳ ବଣ ସମେତ ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ଗଛ, କୀଟ **ସ୍ଥିତି:** ବିପଦମୁକ୍ତ

ବସିଥିବା ବେଳେ ଅଣ୍ଡିରା ପାତି ମାଙ୍କଡ଼ର ଉଚ୍ଚତା ପ୍ରାୟ ୬୦ ସେ.ମି. ହୁଏ । ଏମାନଙ୍କର ହାରାହାରି ଓଜନ ୭ରୁ ୧୦ କି.ଗ୍ରା. ହୋଇଥାଏ । ଏମାନେ ବେଶ୍ ମୋଟା । ମାଇ ପାତି ଆକାରରେ ଟିକିଏ ଛୋଟ ହୁଏ । କପାଳ ପାଖରେ ବାଳ ପଛକୁ ଥାଏ । ପାତିର ଜଙ୍ଘ ଓ ପିଚାରେ ଲାଲ୍-କମଳା ରଙ୍ଗର ରୁମ ଥାଏ, ଯାହା ଆଉ କୌଣସି ମାଙ୍କଡ଼ ଦେହରେ ଦେଖାଯାଏ ନାହିଁ । ବହୁ ସଂଖ୍ୟାରେ ଧରି ରପ୍ତାନୀ କରାହେଉଥିବାରୁ କେତେ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ବହୁତ କମି ଗଲାଣି ।

ପାତି ମାଙ୍କଡ଼ ବଡ଼ ଦଳ ହୋଇ ଗାଁ, ସହର ପାଖରେ, ଅନେକ ସମୟରେ ମନ୍ଦିରରେ ରହନ୍ତି । ଏମାନେ ଜଙ୍ଗଲର ଧାରରେ ରହନ୍ତି, ଜଙ୍ଗଲ ମଝିକୁ ପ୍ରାୟ ଯାଆନ୍ତି ନାହିଁ । ଏମାନେ ମଣିଷ ସହ ବେଶ୍ ମିଶି ଯାଆନ୍ତି । ସକାଳେ ଓ ସନ୍ଧ୍ୟାରେ ବାଡ଼ି ବଗିଚାରେ ପଶି ଫଳ ପତ୍ର ଖାଇ ଦିଅନ୍ତି । ଧର୍ମ ବିଶ୍ୱାସ ଯୋଗୁଁ ଏମାନଙ୍କୁ ଲୋକମାନେ ମାରନ୍ତି ନାହିଁ ।

ଘରୁ ଜିନିଷ ପତ୍ର ଓ ଖାଦ୍ୟ ଚୋରାଇ ନେଇଯିବା ଏମାନଙ୍କର ଗୋଟିଏ ସ୍ୱଭାବ । ପାତି ମାଙ୍କଡ଼ ବିଭିନ୍ନ କୀଟ ଓ ବୁଢ଼ିଆଣୀ ଖାଏ ।



ପାତି ମାଙ୍କଡ଼ଙ୍କର ମିଳନ ମାର୍ଚ୍ଚ ବ୍ୟତୀତ ପ୍ରାୟ ବର୍ଷସାରା ହୁଏ । କିନ୍ତୁ ଅକ୍‌ଟୋବରରୁ ଡିସେମ୍ବର ଭିତରେ ବେଶୀ ହୁଏ । ବର୍ଷା ଦିନ ଆଗରୁ ମାର୍ଚ୍ଚରୁ ଜୁନ୍ ଭିତରେ ଛୁଆ ଜନ୍ମ ହୁଏ । ନଭେମ୍ବରରୁ ମାର୍ଚ୍ଚ ଭିତରେ ଛୋଟ ଛୁଆ ପ୍ରାୟ ଦେଖାଯା'ନ୍ତି ନାହିଁ ।

ଗୋଲାଞ୍ଜ ମାଙ୍କଡ଼

ଇଂରାଜୀ ନାମ: *ବନେଟ୍ ମାକାକ୍* **ବିଜ୍ଞାନ ନାମ:** *ମାକାକ୍ ରେଡିଆଟା ଜିଓଫ୍ରଏ*

କେଉଁଠି ଦେଖାଯାଏ: କେବଳ ମାଲକାନଗିରି ଅଞ୍ଚଳରେ

କ'ଣ ଖାଏ: ଫଳ, କୋଳି, ପତ୍ର, ଡାଳ, କୀଟ, ବୁଢ଼ିଆଣୀ **ସ୍ଥିତି:** ବିପଦମୁକ୍ତ

ବସିଥିବା ବେଳେ ଉଚ୍ଚତା ପ୍ରାୟ ୬୦ ସେ.ମି.। ସବୁ ମାଙ୍କଡ଼ଙ୍କ ଭିତରେ ଏମାନଙ୍କର ଲାଞ୍ଜ ସବୁଠାରୁ ବେଶୀ ଲମ୍ବା। ଓଜନ ୬-୯ କି.ଗ୍ରା.। ଲମ୍ବା କଳା ବାଳ କପାଳ ଉପରେ ଥିବା ଭଉଁରୀ ପାଖରେ ଚାରିଆଡ଼କୁ ଖେଳାଇ ହୋଇଥାଏ। ଦେହର ରଙ୍ଗ ଧୂସର, ମୁହଁର ରଙ୍ଗ ଫିକା ଗୋଲାପି। ଦକ୍ଷିଣ ଭାରତରେ ମାଙ୍କଡ଼ ନାଚ କରିବା ଲୋକ ସାଙ୍ଗରେ ଏମାନେ ରହନ୍ତି।

ଏମାନେ ଦଳ ହୋଇ ରହନ୍ତି ଓ ଦଳରେ ୨୦-୩୦ଟି ମାଙ୍କଡ଼ ଥା'ନ୍ତି। ଅଧିକାଂଶ ସମୟ ଗଛ ଉପରେ ରହିବାକୁ ଭଲ ପାଆନ୍ତି। ଜଙ୍ଗଲରେ ରହୁଥିବା ମାଙ୍କଡ଼ ବେଶ୍ ଡରକୁଳା, କିନ୍ତୁ ଜନବସତି ପାଖରେ ରହୁଥିବା ମାଙ୍କଡ଼ର ଡର ଭୟ କିଛି ନଥାଏ। ଅଣ୍ଡିରା ମାଙ୍କଡ଼ ଦଳର ମୁଖିଆ, ଦଳରେ ସବୁ ବୟସର ଏବଂ ଉଭୟ ଲିଙ୍ଗର ମାଙ୍କଡ଼ ଥା'ନ୍ତି। ଏମାନେ ବେଶ୍ ସାମାଜିକ। ଦଳ ଭିତରେ ସେମାନେ ବେଶ୍ ସଙ୍ଗଠିତ ଭାବରେ ଏବଂ ଶୃଙ୍ଖଳା ମାନି ରହନ୍ତି।

ବର୍ଷ ସାରା ଏହି ମାଙ୍କଡ଼ଙ୍କର ମିଳନ ହୁଏ, ତେବେ ଅକ୍ଟୋବର-ନଭେମ୍ବର ମାସରେ ବେଶୀ ହୁଏ ଓ ଜାନୁଆରୀ ଶେଷରୁ ଏପ୍ରିଲ ଶେଷ ଭିତରେ ଛୁଆ ଜନ୍ମ ହୁଏ। ପ୍ରାୟ ଅଢ଼େଇରୁ ସାଢ଼େ ତିନି ବର୍ଷର ହେଲା ବେଳକୁ ଉଭୟ ମାଇ ଓ ଅଣ୍ଡିରା ବୟଃପ୍ରାପ୍ତ ହୁଅନ୍ତି।



ହାତୀ

ଇଂରାଜୀ ନାମ: *ଏଲିଫ୍ୟାଣ୍ଟ* **ବିଜ୍ଞାନ ନାମ:** *ଏଲିଫସ୍ ମାକ୍ସିମସ୍ କୁଭିଅର୍*

ଜେଉଁଠି ଦେଖାଯାଏ: ସୁନ୍ଦରଗଡ଼ ଓ କୋରାପୁଟ ବ୍ୟତୀତ ଓଡ଼ିଶାର ଅନ୍ୟ ସବୁ ଅଞ୍ଚଳରେ ।

କ'ଣ ଖାଏ: ଡାଳ ପତ୍ର, ଫଳ, ବାଉଁଶ, କଦଳୀ, ଜେତେ ଗଛର ଛେଲି **ସ୍ଥିତି:** ବିପନ୍ନ

ଉଚ୍ଚତା ପ୍ରାୟ ୩ ମିଟର, ପଛଗୋଡ଼ରେ ଚାରୋଟି ଆଙ୍ଗୁଠି ଥାଏ । ଭାରତରେ କେବଳ ଅଣ୍ଡିରା ହାତୀର ଲମ୍ବା ଦାନ୍ତ ଥାଏ । ଜେତେ ଅଣ୍ଡିରା ହାତୀଙ୍କର ଲମ୍ବା ଦାନ୍ତ ନଥାଏ । ଏମାନଙ୍କୁ ମାଖନା କୁହାଯାଏ । ଏମାନଙ୍କ ଆକାର ଜିନ୍ଦୁ ବହୁତ ବଡ଼ ।

ବାଉଁଶ ବଣରେ ହାତୀ ବେଶୀ ରହନ୍ତି । ଏମାନେ ପରିସ୍ଥିତି ସହ ବେଶ୍ ଖାପଖୁଆଇ ଚଳି ପାରନ୍ତି । ବିଭିନ୍ନ ବୟସର ହାତୀ ଏକାଠି ଦଳ ବାନ୍ଧନ୍ତି ଓ ଦଳରେ ୫୦-୬୦ଟି ହାତୀ ରହନ୍ତି । ଗୋଟିଏ ପରିବାରର ହାତୀ ଦଳ କରନ୍ତି । ସବୁଠାରୁ ବୟସ୍କା ମାଇ ହାତୀ ଦଳର ମୁଖିଆ ହୁଏ । ବିଭିନ୍ନ ଦଳ ଏକାଠି ମିଶନ୍ତି ନାହିଁ । ଖାଦ୍ୟ ଅଭାବ ହେଲେ ମୂଳ ଦଳଟି ଛୋଟ ଛୋଟ ଦଳରେ ବାଣ୍ଟି ହୋଇ ଯାଆନ୍ତି ଓ ପରିସ୍ଥିତି ସୁଧୁରି ଗଲେ ପୁଣି ଥରେ ଏକାଠି ମିଶିଯାଆନ୍ତି ।

ଅଣ୍ଡିରା ହାତୀ ପ୍ରାୟ ଏକା ରହେ ଓ ଗୋଟିଏ ଦଳର ଆଖପାଖରେ ଚରେ । ମିଳନ ସମୟରେ ସେ

ଦଳକୁ ଆସେ ଓ ମିଳନ ପରେ ପୁଣି ଚାଲିଯାଏ । ହାତୀ ଦିନର ଗରମ ସମୟରେ ବିଶ୍ରାମ ନିଏ । ରାତିରେ ସେ ଜଙ୍ଗଲକୁ ବା ପାଖର ଚାଷ ଜମିକୁ ଖାଦ୍ୟ ପାଇଁ ଯାଏ ଓ ଅଧରାତି ପରେ ବିଶ୍ରାମ ନିଏ । ହାତୀ ଠିଆ ହୋଇ ଶୁଏ ।

ଗୋଟିଏ ବୟସ୍କ ହାତୀ ଦିନକୁ ୨୭୦ରୁ ୩୨୦ କି·ଗ୍ରା· ଖାଦ୍ୟ ଖାଏ । ଅଣ୍ଡିରା ହାତୀ ଏବଂ କେବେ କେବେ ମାଇ ହାତୀ ମଝରେ ଆସେ । ମିଳନ ସହ ଏହି ଅବସ୍ଥାର କିଛି ସମ୍ପର୍କ ରହିଛି । ସଠିକ ମିଳନ ଋତୁ ଜଣା ନାହିଁ, କିନ୍ତୁ ତାହା ଗରମ ସମୟରେ ବୋଲି ବିଶ୍ୱାସ କରାଯାଏ । ୨୦ ମାସ ଯାଏଁ ମା' ପେଟରେ ବଢ଼ିବା ପରେ ଥରକେ ଗୋଟିଏ ଛୁଆ ଜନ୍ମ ହୁଏ । ଦଳର ସବୁ ମାଇ ହାତୀ ମିଶି ଛୁଆର ଯତ୍ନ ନିଅନ୍ତି । ଏମାନଙ୍କର ଶୁଂଘିବା ଓ ଶୁଣିବା ଶକ୍ତି ଅତି ପ୍ରଖର ।



ନେପାଳୀ ମୂଷା

ଇଂରାଜୀ ନାମ: *ଜାଏଣ୍ଟ ଜ୍ୱିରେଲ୍* **ବିଜ୍ଞାନ ନାମ:** *ରାଟୁଫା ଇଣ୍ଡିକା*

ଜେଉଁଠି ଦେଖାଯାଏ: ଶିମିଳିପାଳ, ସାତକୋଶିଆ, କପିଳାସ, ସମ୍ବଲପୁର-କଳାହାଣ୍ଡିର ଶାଳ ଜଙ୍ଗଲ

କ'ଣ ଖାଏ: ବିଭିନ୍ନ ଫଳ ଓ ମଞ୍ଜି **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୩୫-୪୦ ସେ.ମି., କିନ୍ତୁ ଲାଞ୍ଜର ଲମ୍ବା ପ୍ରାୟ ୬୦ ସେ.ମି.। ଏମାନେ ଜଙ୍ଗଲରେ ଉଚ୍ଚ ଗଛରେ ରହନ୍ତି। ଏମାନେ ଗଛରୁ ଗଛକୁ ଡେଇଁ ଯିବା ଆସିବା କରନ୍ତି। ଥରକେ ପ୍ରାୟ ୨୦ ଫୁଟ ଦୂର ଯାଏଁ ଡେଇଁ ପାରନ୍ତି।

ଏମାନେ ବହୁତ ଚଞ୍ଚଳ, ସକାଳେ ଓ ସନ୍ଧ୍ୟାରେ ବେଶୀ ଚଞ୍ଚଳ ଥା'ନ୍ତି। ଦିପହରେ ଗଛ ଡାଳ ଉପରେ ଶୋଇ ରହନ୍ତି। ପାଗ ଥଣ୍ଡା ବା ଓଦାଳିଆ ଥିଲେ ଡାଙ୍ଗ ବସା ଭିତରେ ଶୁଅନ୍ତି। ଏମାନେ ବେଶ୍ ଲାଜକୁଳା, ତେଣୁ ସହଜରେ ଦେଖାଯାଆନ୍ତି ନାହିଁ। କେବଳ ଚିଁ ଚିଁ ଶବ୍ଦରୁ ଏମାନେ ଥିବାର ଜାଣିହୁଏ। ବିପଦର ସୂଚନା ପାଇଲେ ମାଙ୍କଡ଼ଙ୍କ ସହିତ ଏମାନେ ବି ବୋବେଇ ଅନ୍ୟମାନଙ୍କୁ ସତର୍କ କରାଇ ଦିଅନ୍ତି। ତରିଗଲେ ଏମାନେ ବୁଦା ପଛପଟେ ଲୁଚିଯାଆନ୍ତି।

ସାଧାରଣତଃ ଏମାନେ ଏକା ବା ଯୋଡ଼ି ହୋଇ ରହନ୍ତି। ଗଛର ଡାଳ ଉପରେ ଡାଳ, ପତ୍ର, କାଠି



କୁଟାରେ ଗୋଟିଏ ଗୋଲ ବସା ତିଆରି କରନ୍ତି। ଗୋଟିଏ ନେପାଳୀ ମୂଷା ଆଖପାଖର ଗଛରେ ଅନେକଗୁଡ଼ିଏ ବସା ତିଆରି କରେ। ଏ ଭିତରୁ ଗୋଟିକରେ ସେ ଛୁଆ ଜନ୍ମ କରେ ଓ ବାକିଗୁଡ଼ିକରେ ସେ ଶୁଏ।

ମାର୍ଚ୍ଚ, ଏପ୍ରିଲ, ସେପ୍ଟେମ୍ବର ଓ ଡିସେମ୍ବରରେ ଛୁଆ ଜନ୍ମ ହୋଇଥାଏ। ଜନ୍ମବେଳେ ତା'ର ଲମ୍ବା ୨୭ ସେ.ମି. ଓ ଓଜନ ୭୫ ଗ୍ରାମ ହୋଇଥାଏ।

ଉଡ଼ନ୍ତା ଗୁଣ୍ଡୁଚି

ଇଂରାଜୀ ନାମ: *ଫ୍ଲାଇଙ୍ଗ ଫ୍ରିରେଲ୍* **ବିଜ୍ଞାନ ନାମ:** *ପେଟାରିଷ୍ଟ ପେଟାରିଷ୍ଟ* ଇଲିଅଟ୍

ଜେଉଁଠି ଦେଖାଯାଏ: ଶିମିଳିପାଳ, ସାତକୋଶିଆ ଅଞ୍ଚଳ

କ'ଣ ଖାଏ: ଫଳ, ମଞ୍ଜି, ଗଛର ବଳଳ, କୀଟ **ସ୍ଥିତି:** ବିପନ୍ନ

ଏମାନଙ୍କର ଗୋଡ଼ ମଝିରେ ଚମର ଗୋଟିଏ ପରଦା ଥାଏ । ଗୋଡ଼ ଜାକି ବିଶ୍ରାମ ନେଉଥିବା ବେଳେ ପରଦା ପ୍ରାୟ ଦେଖାଯାଏ ନାହିଁ । କିନ୍ତୁ ଗଛରୁ ଗଛକୁ ଡେଇଁଲା ବେଳେ ସେ ତା'ର ଗୋଡ଼ ମେଲାଇ ଦିଏ । ଫଳରେ ପରଦାଟି ଗୋଟିଏ ଆକାଶ ଛତା ଭଳି ପୂରା ମେଲିଯାଏ ଏବଂ ଗୁଣ୍ଡୁଚିଟି ବେଶ୍ ଆରାମରେ ତଳକୁ ଖସିପାରେ । ପକ୍ଷୀ ବା ବାଦୁଡ଼ି ଭଳି ବେଶୀ ସମୟ ପାଇଁ ସେ ଉଡ଼ିପାରେ ନାହିଁ । ଉଡ଼ିଲା ବେଳେ ସେ ଦିଗ ବଦଳାଇ ପାରେ ନାହିଁ । କେବଳ ଉପରୁ ତଳକୁ ଖସିପାରେ ।

ଦେହର ରଙ୍ଗ ମାଟିଆ, ପେଟ ତଳ ଫିକା ଗୋଲାପି । ଗୋଡ଼ର ପରଦାଠାରୁ ଦେହର ରଙ୍ଗ ଗାଢ଼ । ଏମାନେ ଜଙ୍ଗଲରେ ରହନ୍ତି ଓ ରାତିରେ ବାହାରକୁ ବାହାରନ୍ତି । ରାତିରେ ଏମାନେ ଏକ ପ୍ରକାର ବିଶେଷ ସ୍ୱର କରି ପରସ୍ପରକୁ ଡାକନ୍ତି ।

ଏମାନଙ୍କ ବଂଶ ବିସ୍ତାର ବିଷୟରେ ବହୁତ କମ୍ ଜଣାଅଛି । ଗଛ ଡାଳ ବା କୋରଡ଼ରେ ମା' ପତ୍ର,

ଶିଉଳି, ପର ଏବଂ ଅନ୍ୟ ନରମ ଜିନିଷ ବିଛାଇ ବସା ତିଆରି କରେ । ମାଈ ଅଣ୍ଡିରା କେତେ ଦିନ ପାଇଁ ଏକାଠି ରହନ୍ତି ଜଣାନାହିଁ । ଛୁଆ ଜନ୍ମ ହେଲା ପରେ ବସାରେ କେବଳ ମାଆ ଓ ଛୁଆ ରହନ୍ତି । ଉଡ଼ନ୍ତା ଗୁଣ୍ଡୁଚି ବେଶ୍ ସହଜରେ ପୋଷା ମାନିଯାଇପାରେ କିନ୍ତୁ ତାକୁ ଘରେ ରଖିଲେ ବେଶୀ ଦିନ ବଞ୍ଚେନାହିଁ ।



ଗୁଣ୍ଡୁଚି ମୂଷା

ଇଂରାଜୀ ନାମ: *ଥ୍ରୀ ଷ୍ଟ୍ରାଇପ୍‌ଡ୍ ପାମ୍ ସ୍କିରେଲ୍* **ବିଜ୍ଞାନ ନାମ:** *ଫନାମ୍ବୁଲସ୍ ପାମାରମ୍ ଲିନିଅସ୍*

ଜେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

ଜ'ଣ ଖାଏ: ଫଳ, ମଞ୍ଜି **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୧୩-୧୫ ସେ.ମି., ଲାଞ୍ଜର ଲମ୍ବା ସାମାନ୍ୟ ଅଧିକ । ଦୁଇଟି ଜାତିର ଏଭଳି ଗୁଣ୍ଡୁଚି ଦେଖାଯା'ନ୍ତି । ସାଧାରଣତଃ ତାଙ୍କ ପିଠି ଉପରେ ପାଞ୍ଚଟି ଗାର ବା ତିନୋଟି ଗାର ଦେଖାଯାଏ । ପାଞ୍ଚଗାରବାଲା ଗୁଣ୍ଡୁଚି ଜଙ୍ଗଲରେ ରହେ ନାହିଁ, ବରଂ ମଣିଷର ଆଖପାଖରେ ରହେ ।

ଏମାନେ ଗାଁ, ସହରରେ ରହନ୍ତି ଓ ଖାଦ୍ୟ ପାଇଁ ମଣିଷ ଉପରେ ନିର୍ଭର କରନ୍ତି । ଏମାନେ ଘରେ, ବଗିଚାରେ, ଫାଟ, ବୁଦା ବା ରାସ୍ତା କଡ଼ ଗଛରେ ରହନ୍ତି । ଏମାନଙ୍କର ମାଟି ଉପରେ ଡେଇଁବା, ଜୋରରେ ଧାଇଁ ପଳାଇବା, ଦୌଡ଼ିବା ଆଦି ଦେଖିବାକୁ ବଡୁତ ମଜା ଲାଗେ । ଏମାନେ ବେଶ୍ ଜୋରରେ କିଚିରି ମିଚିରି ଶବ୍ଦ କରନ୍ତି । ତିନିଗାରବାଲା ଗୁଣ୍ଡୁଚି କିନ୍ତୁ ଜଙ୍ଗଲରେ ରହନ୍ତି । ତଡ଼େଇ ଭଳି ବୋବାନ୍ତି ।

ମୁଣ୍ଡ ତଳକୁ କରି ଗଛରୁ ଓହ୍ଲାଇବା, ସ୍ଥିର ହୋଇ ରହିଥିଲା ବେଳେ ମଝିରେ ମଝିରେ ଲାଞ୍ଜକୁ ଝଟକା ମାରି ତିଆଁଇବା, ଲାଞ୍ଜକୁ ତଳେ ଲମ୍ବାଇ ପଛ ଦୁଇ ଗୋଡ଼ରେ ବସି ଆଗ ଗୋଡ଼ ଦୁଇଟିରେ କିଛି



ଧରିକରି ଖାଇବା ଆଦି ଏହି ଗୁଣ୍ଡୁଚିଙ୍କର କେତୋଟି ନିର୍ଦ୍ଦିଷ୍ଟ ଗୁଣ ।

ମାଇ ଓ ଅଣ୍ଡିରା ମାତ୍ର ଦିନେ ଦୁଇଦିନ ପାଇଁ ଏକାଠି ହୁଅନ୍ତି । ମା'ପେଟରେ ଛୁଆ ଛଅ ସପ୍ତାହ ପାଇଁ ବଢ଼େ । ଛୁଆ ଜନ୍ମ ହେବା ସମୟ ଆସିଲେ ଘାସ, ପତ୍ର, କନାରେ ଗଛ ଉପରେ, ଘର ତାଳ ଉପରେ କିମ୍ବା କାନ୍ଥ ଫାଟରେ ସେ ଗୋଟିଏ ବସା ତିଆରି କରେ । ଥରକେ ୨-୩ଟି ଛୁଆ ଜନ୍ମ ହୁଏ । ଜନ୍ମ ବେଳେ ଏମାନଙ୍କ ଆଖି ଫିଟି ନଥାଏ ।

ଝିଙ୍କ

ଇଂରାଜୀ ନାମ: *ଇଣ୍ଡିଆନ୍ ପର୍‌କୁପାଇନ୍* **ବିଜ୍ଞାନ ନାମ:** *ହିଷ୍ଟ୍ରିକ୍ସ ଇଣ୍ଡିକା କେର୍*

କେଉଁଠି ଦେଖାଯାଏ: ହେନ୍ତାଳ ବଣ ସମେତ ଓଡ଼ିଶାର ସବୁ ଅଞ୍ଚଳରେ ।

କ'ଣ ଖାଏ: ସବୁ ପ୍ରକାର ପରିବା, ଶସ୍ୟ, ଫଳ, ମୂଳ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୭୦-୯୦ ସେ.ମି., ଲାଞ୍ଜ ୮-୧୦ ସେ.ମି., କଣ୍ଟାର ଲମ୍ବା ୧୮-୨୦ ସେ.ମି. ଓ ଓଜନ ୧୧-୧୮ କି.ଗ୍ରା. । ଏମାନଙ୍କ ଦେହର ରୁମ କଣ୍ଟାରେ ରୂପାନ୍ତରିତ ହୋଇଥାଏ । ବେକ ଓ କାନ୍ଧ ଉପରେ ୧୫-୩୦ ସେ.ମି. ଲମ୍ବାର ରୁମ ଥାଏ । ପଛପଟେ ଥିବା କଣ୍ଟାରେ ଗାଢ଼ ବାଦାମୀ ବା କଳା ଏବଂ ଧଳା ରଙ୍ଗର ଗୋଲ ବଳା ଚିହ୍ନ ଥାଏ ।

ଝିଙ୍କ ପାହାଡ଼ିଆ ଅଞ୍ଚଳରେ ରହନ୍ତି । ଦିନ ବେଳେ ପଥର ଖୋଲରେ, ନିଜେ ଗାତ କରି ବା ଅନ୍ୟ ଜୀବର ଗାତକୁ ବଡ଼ କରି ତା'ଭିତରେ ରହନ୍ତି । କିନ୍ତୁ ତାଙ୍କର ଗାତ ନହେଲେ ଯେ ନଚଳେ ତାହା ନୁହେଁ । ଫସଲ ଅମଳ ସମୟରେ ଏମାନେ ଖେତ ପାଖରେ ବହଳ ବୁଦାରେ ଶୁଅନ୍ତି । ଗାତରୁ ବାହାରୁ ଥିବା ପ୍ରତୁର ମାଟି ଗାତ ମୁହଁରେ ଗଦାହୋଇ ରହେ । ଗାତର ମୁଖ୍ୟ ମୁହଁ ପାଖରେ ଆଉ ଦୁଇ ତିନୋଟି ମୁହଁ ବି ଥାଏ । ମାଟି ତଳେ ତାଙ୍କର ପ୍ରବେଶ ସୁଡ଼ଙ୍ଗ ଓ ଘର ବେଶ୍ ବଡ଼ ହୋଇଥାଏ । ଗାତ ମୁହଁରେ

ଖଣ୍ଡ ଖଣ୍ଡ ହାଡ଼ ଏଣେ ତେଣେ ପଡ଼ିଥାଏ ଓ ଝିଙ୍କ ଏଗୁଡ଼ିକୁ ମଝିରେ ମଝିରେ ଦାନ୍ତଉଥାଏ । ଏଥିରୁ ସେମାନେ କାଲ୍‌ସିଅମ୍ ପାଆନ୍ତି ।

ଏମାନେ ରାତିରେ ବାହାରକୁ ବାହାରନ୍ତି । ଏମାନଙ୍କର ଶୁଂଘିବା ଶକ୍ତି ଅତି ପ୍ରଖର । ଏମାନେ ବାଟ ତଳେ ସୁଡଙ୍ଗ କରି ଆସି ଫସଲ ନଷ୍ଟ କରନ୍ତି । ବିରକ୍ତ ହେଲେ ବା ତରିଗଲେ ଝିଙ୍କ ତା'ର ପଛ କଣ୍ଟାଗୁଡ଼ିକୁ ଠିଆ କରିଦିଏ ଓ ହଲାଇ ଝଣ ଝଣ ଶବ୍ଦ କରେ । କଣ୍ଟାକୁ ଛିଡ଼ାକରି ଏମାନେ ଶତ୍ରୁ ଆଡ଼କୁ ଜୋରରେ ପଛଆ ଦୌଡ଼ନ୍ତି ଓ ଶତ୍ରୁ ଦେହରେ ପିଟି ହୁଅନ୍ତି । ଏହା ଫଳରେ ତାଙ୍କର କଣ୍ଟାଗୁଡ଼ିକ ଶତ୍ରୁ ଦେହରେ ଗଳିଯାଇ ତାଙ୍କୁ ବହୁତ କଷ୍ଟ ଦିଏ ବା ମାରିପକାଏ । ଥରେ କଣ୍ଟା ଝଡ଼ିଗଲେ ପୁଣି ଥରେ ଉଠିଯାଏ ।



ମାଇ ଓ ଅଣ୍ଡିରା ସେମାନଙ୍କ ଛୁଆ ସହ ମିଶି ଏକାଠି ଗାତ ଭିତରେ ରହନ୍ତି । ଛୁଆ ଜନ୍ମ ହେଲାବେଳେ ତାଙ୍କ ଦେହରେ ଛୋଟ ନରମ କଣ୍ଟା ଥାଏ ଓ ଆଖି ଫିଟିଥାଏ । ଥରକେ ୨-୪ଟି ଛୁଆ ହୁଏ ।

ବିଲ ମୂଷା

ଇଂରାଜୀ ନାମ: ଫିଲ୍ଡ୍ ମାଇସ୍ **ବିଜ୍ଞାନ ନାମ:** *ମସ୍ ବୁଡୁଗା*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ଶସ୍ୟ, ଫଳ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ପ୍ରାୟ ୫-୮ ସେ·ମି·, ଲାଞ୍ଜ ଲମ୍ବା ୫ ସେ·ମି· । ଦେହର ରଙ୍ଗ ବାଦାମୀରୁ ଗାଢ଼ ଧୂସର । ପେଟ ପାଖ ଧଳା । ଧାନ ବିଲ, ବଗିଚାରେ ରହନ୍ତି । ବେଳେ ବେଳେ ଘରେ ପଶି ଯାଆନ୍ତି ।




ଘରେଇ ମୂଷା

ଇଂରାଜୀ ନାମ: *ଜମନ୍ ହାଉସ୍ ର୍ୟାଟ୍* **ବିଜ୍ଞାନ ନାମ:** *ରାଟସ୍ ରାଟସ୍*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ । **କ'ଣ ଖାଏ:** ସବୁ ପ୍ରକାରର ଜିନିଷ

ସ୍ଥିତି: ବିପଦମୁକ୍ତ



ଘରେଇ ମୂଷାର ଦେହର ରଙ୍ଗ ଧୂସର ବା କଳା ଓ ପେଟ ପାଖ ପାଉଁଶିଆ । ମଞ୍ଜି, ଶସ୍ୟ ଓ ଫଳ ଏମାନଙ୍କର ମୁଖ୍ୟ ଖାଦ୍ୟ । ବର୍ଷକୁ ୩-୬ ଥର ଏବଂ ପ୍ରତି ଥର ୫-୧୦ଟି ଛୁଆ ହୁଏ । ତିନି ମାସରେ ଛୁଆ ପୂରା ବଢ଼ି ଯାଆନ୍ତି । ଏହି ମୂଷାର ମୂଳ ଘର ବ୍ରହ୍ମଦେଶ (ମିଆଁମାର) । ସେଠାରୁ ବାହାରି ସେମାନେ ଏବେ ପୃଥିବୀ ସାରା ମାଡ଼ିଯାଇଛନ୍ତି ।

ମାଟିଆ ମୂଷା

ଇଂରାଜୀ ନାମ: *ବ୍ରାଉନ୍ ରାଟ୍* **ବିଜ୍ଞାନ ନାମ:** *ରାଟସ୍ ନର୍ଭେଗିକସ୍* ବେର୍‌କେନ୍‌ହଟ୍

ଦେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ ।

କ'ଣ ଖାଏ: ସବୁ ପ୍ରକାର ଜିନିଷ **ସ୍ଥିତି:** ବିପଦମୁକ୍ତ

ମାଟିଆ ମୂଷାର ମୂଳ ଘର ମଧ୍ୟଏସିଆର ନାଡିଶୀତୋଷ୍ଣ ଅଞ୍ଚଳ ବୋଲି ବିଶ୍ୱାସ କରାଯାଏ । ସେଠାରୁ ବାହାରି ସେମାନେ ପୃଥିବୀର ସବୁ ଅଞ୍ଚଳକୁ ମାଡ଼ି ଯାଇଛନ୍ତି । ଏମାନେ ମୁଖ୍ୟତଃ ବନ୍ଦର ବା ବଡ଼ ସହରରେ ରହନ୍ତି । ପ୍ରଥମେ ଜାହାଜରେ ଆସି ନୂଆ ଦେଶରେ ପହଞ୍ଚି ଥିବାରୁ ଏବଂ ସେଠାରୁ ମାଲବୁହା ରେଳଗାଡ଼ି ଓ ଟ୍ରକ ଆଦିରେ ଅନ୍ୟ ଜାଗାକୁ ଯାଇଥିବାରୁ ଏପରି ହୋଇଛି । ଏମାନେ ବେଶ୍ ବଡ଼ ଓ ବଳୁଆ । ଛୋଟ ଲାଞ୍ଜରୁ ଏମାନଙ୍କୁ ସହଜରେ ଚିହ୍ନି ହୁଏ ।

ଏମାନଙ୍କ ଦେହର ରଙ୍ଗ ବାଦାମୀ ବା ଫିକା ବାଦାମୀ । ଦେହର ଲମ୍ବ ୧୮-୨୦ ସେ·ମି·, ଲାଞ୍ଜ ୧୫-୧୮ ସେ·ମି· । କାନ ଛୋଟ ଏବଂ ମୁହଁ ଅଳ୍ପ ଗୋଜିଆ ହୋଇଥାଏ । ଥଣ୍ଡା ଅଞ୍ଚଳରୁ ଆସି ଆମର ଗରମ ପରିବେଶରେ ରହୁଥିବାରୁ ସେ ସବୁବେଳେ ପାଣି ପାଖରେ ରହିବାକୁ ଭଲ ପାଏ । ପାଣିନାଳ, ଛାତ, ଗୋଦାମ ଘର ଆଦିରେ ଏହି ମୂଷା ବିଶେଷ ଭାବରେ ଦେଖାଯାଏ । ବଡ଼ ସହରରେ ଏମାନେ



ମୁଖ୍ୟତଃ ନାଳ ନର୍ଦ୍ଦମାରେ ଦେଖାଯାଆନ୍ତି । ଏମାନେ ବହୁତ ସଂଖ୍ୟାରେ ଦଳ କରି ରହନ୍ତି ।

ମାଟିଆ ମୂଷା ସାଧାରଣତଃ ରାତିରେ ଖାଇବାକୁ ବାହାରନ୍ତି । ଏମାନେ ସବୁ ପ୍ରକାରର ଜିନିଷ ଖାଆନ୍ତି ଓ ମଣିଷର ବହୁତ ଷତି କରନ୍ତି ।

ବର୍ଷକୁ ସାଧାରଣତଃ ୩-୬ ଥର ଛୁଆ ହୁଏ ଓ ପ୍ରତି ଥର ୬-୧୦ଟି ଛୁଆ ହୁଏ । ଛୁଆଗୁଡ଼ିକ ଦୁଇ ତିନି ମାସରେ ପୂରା ବଢ଼ିଯାଆନ୍ତି ଓ ଛୁଆ ଜନ୍ମ କରିବା ପାଇଁ ସକ୍ଷମ ହୋଇଯାଆନ୍ତି ।

ଚୁଟିଆ ମୂଷା

ଇଂରାଜୀ ନାମ: *କମନ୍ ହାଉସ୍ ମାଉସ୍* **ବିଜ୍ଞାନ ନାମ:** *ମସ୍ ମୁସ୍କୁଲସ୍ ୱାଟରହାଉସ୍*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ସବୁ ପ୍ରକାର ଜିନିଷ **ସ୍ଥିତି:** ବିପଦମୁକ୍ତ

ଏମାନେ ଦେଖିବାକୁ ଘରେଇ ମୂଷା ଭଳି, କିନ୍ତୁ ଆକାରରେ ବେଶ୍ ଛୋଟ । ଦେହର ଲମ୍ବା ୫-୮ ସେ·ମି· ଓ ଲାଞ୍ଜର ଲମ୍ବା ବି ୫-୮ ସେ·ମି· । ଦେହର ରଙ୍ଗ ଗାଢ଼ରୁ ଫିକା ବାଦାମୀ, ପେଟ ତଳ ଫିକା । ସାଧାରଣତଃ ଏହି ମୂଷା ଘର ଭିତରେ ହିଁ ରହେ । କିନ୍ତୁ ଘରପାଖର ବଗିଚା ବା କ୍ଷେତରେ ମଧ୍ୟ ଦେଖାଯାଏ । ବିଶେଷ କରି ଗରମ ଦିନରେ ସେ ବାହାରେ ରହେ, କିନ୍ତୁ ଶୀତଦିନ ଆସିଗଲେ ଘର ଭିତରକୁ ବା ନଡ଼ାଗଦା ଆଦିକୁ ଚାଲିଆସେ ।

ଏହା ବହୁତ ଚଞ୍ଚଳ । ଗଛ ଚଢ଼ିପାରେ, ସିଧା କାନ୍ଥରେ ବି ଚଢ଼ିଯାଏ, ତେଇଁ ପାରେ । ଅତି ଛୋଟିଆ ଜଣାରେ ବି ସେ ଗଳି ଚାଲି ଆସିପାରେ । ଘର ଭିତରେ ସେ କାନ୍ଥକୁ ଲାଗି ଚାଲେ । ପରିସ୍ରା କରି ସେ ନିଜ ବାଟ ଚିହ୍ନଟ କରେ । ମାଟି ତଳେ ଗାତ କରି ଅନେକ ମୂଷା ଏକାଠି ମିଶି ଦଳ କରି ରହନ୍ତି । ମିଳୁଥିବା ସବୁ ପ୍ରକାରର ଖାଦ୍ୟ ଏମାନେ ଖାଆନ୍ତି । ଚଟାଣ, ବହିଥାକ, ଘରର ଆସବାବ ପତ୍ର ସବୁ

ପ୍ରକାରର ଜାଗାରେ ଯେକୌଣସି ନରମ ଜିନିଷ ଗଦାଇ ସେ ବସା କରେ ।

ଚୁଟିଆ ମୂଷା ବର୍ଷକୁ ୩-୫ ଥର ଓ ପ୍ରତି ଥର ୪-୮ଟି କରି ଛୁଆ ଜନ୍ମ କରେ । ଜନ୍ମ ବେଳେ ଏମାନଙ୍କ ଆଖି ଫିଟି ନଥାଏ । ଛୁଆଗୁଡ଼ିକ କିନ୍ତୁ ବହୁତ ଶୀଘ୍ର ବଢ଼ିଯାଆନ୍ତି ଏବଂ ଜନ୍ମର ମାସେ ପରେ ନିଜେ ଛୁଆ ଜନ୍ମ କରିବା ପାଇଁ ସକ୍ଷମ ହୋଇଯାଆନ୍ତି ।

ଏମାନଙ୍କର ମୂଳ ଘର ହେଉଛି ମଧ୍ୟଏସିଆ । ସେଠାରୁ ସେମାନେ ସାରା ପୃଥିବୀକୁ ବ୍ୟାପି ଯାଇଛନ୍ତି ।



ଚାଳୁଆ ମୂଷା

ଇଂରାଜୀ ନାମ: *ଲଙ୍ଗ୍‌ଟେଲ୍‌ଡ୍ ଟ୍ରି ମାଉସ୍* **ବିଜ୍ଞାନ ନାମ:** *ଭାଣ୍ଡେଲେରିଆ ଓଲେରାସିଆ* ବେନେଟ୍

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ


କ'ଣ ଖାଏ: ଶସ୍ୟ, ଫଳ **ସ୍ଥିତି:** ବିପଦମୁକ୍ତ

ଲାଲ-ବାଦାମୀ ରଙ୍ଗର ଦେହରେ ନରମ ରୁମ ଥାଏ । ଲାଞ୍ଜ ବେଶ୍ ଲମ୍ବା, ୮-୧୧ ସେ·ମି· । ଦେହର ଲମ୍ବା ୫-୯ ସେ·ମି· । ପେଟ ତଳ ଧଳା ରଙ୍ଗର ହୋଇଥାଏ । ଏମାନେ ପ୍ରାୟ ଗଛ ଉପରେ ରହନ୍ତି । ପ୍ରତି ଗୋଡ଼ର ପ୍ରଥମ ଓ ପଞ୍ଚମ ଆଙ୍ଗୁଠି ଅନ୍ୟ ଆଙ୍ଗୁଠି ତୁଳନାରେ ଓଲଗା ଥାଏ ଓ ଏଥିରେ ଗୋଟିଏ ଚେପ୍‌ଟା ନଖ ଥାଏ । ଏହା ଫଳରେ ମୂଷାକୁ ଉପରକୁ ଚଢ଼ିବା ପାଇଁ ସହଜ ହୁଏ ।

ଚାଳୁଆ ମୂଷା ଦେଖିବାକୁ ବହୁତ ସୁନ୍ଦର । ଏମାନେ ବେଶ୍ ଚଞ୍ଚଳ ଏବଂ ଗଛ ଓ ବୁଦାରେ ରହନ୍ତି । ଗଛ ଚଢ଼ିବାରେ ସେମାନଙ୍କ ଲମ୍ବା ଲାଞ୍ଜ ସାହାଯ୍ୟ କରିଥାଏ । ଗଛ ଉପରେ ଏମାନେ ଫଳ, କଢ଼, କଅଁଳିଆ ଡାଳ ଆଦି ଖାଆନ୍ତି ।

ଛୁଆ ଜନ୍ମ କରିବା ସମୟ ଆସିଲେ ମାଇ ମୂଷା ଆଖପାଖରେ ମିଳୁଥିବା ଜିନିଷକୁ ନେଇ ବସା ତିଆରି କରେ । ବାଉଁଶ ଜଙ୍ଗଲରେ ଶୁଖିଲା ବାଉଁଶ ପତ୍ର, ଅନ୍ୟ ଜାଗାରେ ଘାସ, ଶୁଖିଲା ପତ୍ର ଆଦି ନେଇ ବସା

ତିଆରିରେ ଲଗାଏ । ଗାତ, ଗଛ କୋରଡ଼ରେ, ଡାଳ ସନ୍ଧି ବା ଘରର ଚାଳ ଆଦିରେ ସେ ବସା କରେ । ବେଳେ ବେଳେ ଅନ୍ୟ ଜୀବର ବସା ମଧ୍ୟ ସେ ବ୍ୟବହାର କରେ । ବସାରେ ମା' ଓ ଛୁଆ ରହନ୍ତି । ଅଣ୍ଡିରା ମୂଷାର ଅଲଗା ବସା ଥାଏ । ଏମାନଙ୍କର ଥରକେ ୩-୬ଟି ଛୁଆ ହୁଏ ।



ଜଙ୍ଗଲୀ ମୂଷା

ଇଂରାଜୀ ନାମ: *ବାଣ୍ଡିକୁଟ୍* **ବିଜ୍ଞାନ ନାମ:** *ବାଣ୍ଡିକୋଟା ଇଣ୍ଡିକା ବେକ୍‌ଷ୍ଟେନ୍*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ସବୁ ପ୍ରକାର ଜିନିଷ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୩୦-୪୦ ସେ.ମି., ଲାଞ୍ଜ ୩୦-୪୦ ସେ.ମି.। ଏହି ମୂଷାର ମୁଣ୍ଡଟି ଗୋଲ, କାନ ମଧ୍ୟ ଗୋଲ। ଥୋମଣି ଛୋଟ ଓ ଚଉଡ଼ା। ଏମାନେ ମଣିଷର ଆଖପାଖରେ ରହନ୍ତି ଓ ମଣିଷ ଉପରେ ପୂରା ନିର୍ଭର କରନ୍ତି।

ଏମାନଙ୍କର ଓଜନ ୧-୧.୫ କି.ଗ୍ରା.। ଏହି ବଡ଼ ଆକାରରୁ ଘରେଇ ମୂଷାଠାରୁ ଏମାନେ ଅଲଗା- ବାରି ହୋଇଯାଆନ୍ତି। ଏମାନେ ଘରେ ଗାତ ଖୋଳି ବହୁତ କ୍ଷତି କରନ୍ତି। ଜଙ୍ଗଲୀ ମୂଷା ଯାହା ପାଏ ସବୁ ଖାଏ। ପ୍ରତି ଗାତରେ ଗୋଟିଏ ମାଇ ମୂଷା ଓ ତା'ର ଛୁଆମାନେ ରହନ୍ତି।

ମା' ମୂଷା ନଡ଼ା, ପତ୍ର ଦେଇ ଗାତକୁ ନରମ କରେ। ଥରକେ ୧୦-୧୨ଟି ଛୁଆ ଜନ୍ମ ହୁଏ। ଜନ୍ମ ବେଳେ ଛୁଆର ଆଖି ଫିଟି ନଥାଏ କି ରୁମ ନଥାଏ। ମାସକ ଭିତରେ ଦେହରେ ରୁମ ଉଠିଯାଏ। ଜନ୍ମ ହେବାର ତିନିମାସ ଭିତରେ ଏମାନେ ବୟଃପ୍ରାପ୍ତ ହୋଇ ଛୁଆ ଜନ୍ମ କରିବାରେ ଲାଗନ୍ତି।



ଜଙ୍ଗଲୀ ମୂଷା

ବଜ୍ରକାପ୍ତା

ଇଂରାଜୀ ନାମ: *ଇଣ୍ଡିଆନ୍ ପାଙ୍ଗୋଲିନ୍* **ବିଜ୍ଞାନ ନାମ:** *ମାନିସ୍ କ୍ରାସିକଡାଟା* ଗ୍ରେ


ଜେଉଁଠି ଦେଖାଯାଏ: ହେନ୍ତାଳ ବଣ ବ୍ୟତୀତ ଓଡ଼ିଶାର ବାକି ସବୁ ଅଞ୍ଚଳରେ

କ'ଣ ଖାଏ: ଉଇ, ପିମ୍ପୁଡ଼ି **ସ୍ଥିତି:** ବିପନ୍ନ

ଦେହର ଲମ୍ବ। ୬୦-୭୫ ସେ.ମି., ଲାଞ୍ଜ ୪୫ ସେ.ମି., ଦେହ ସାରା ୧୧-୧୩ ଧାଡ଼ି କାତି ଥାଏ । ବିପଦର ସୂଚନା ପାଇଲେ ଏମାନେ ଦେହକୁ ଗୁଡ଼ାଇ ଗୋଟିଏ ବଲ୍ ଭଳି ହୋଇଯାଆନ୍ତି ।

ବଜ୍ରକାପ୍ତା ମାଟିରେ ଗାତ ଖୋଳି ରହେ । ମାଟିରୁ ଉଇ, ପିମ୍ପୁଡ଼ି ଖୋଳି ଖାଇବା ପାଇଁ ଏମାନଙ୍କ ଗୋଡ଼ରେ ଲମ୍ବା, ବଙ୍କା ନଖ ଥାଏ । ଆଗଗୋଡ଼ର ନଖ ଲମ୍ବା ଥାଏ । ମାଟିରେ ରହୁଥିଲେ ବି ବଜ୍ରକାପ୍ତା ବେଶ୍ ପହଡରେ ଗଛ ଚଢ଼ିପାରେ । ପିମ୍ପୁଡ଼ି ଖୋଜିବା ପାଇଁ ସେମାନେ ଗଛ ଚଢ଼ନ୍ତି । ଏମାନଙ୍କର ଶୁଂଘିବା ଶକ୍ତି ଅତି ପ୍ରଖର । ଏମାନେ ଶୁଂଘି ଶୁଂଘି ଉଇ ଖୋଜନ୍ତି । ଏମାନେ ଦିନସାରା ଗାତରେ ଶୋଇଥା'ନ୍ତି ଓ ରାତିରେ ବାହାରନ୍ତି ।

ବଜ୍ରକାପ୍ତାର ବଂଶବିସ୍ତାର ବିଷୟରେ ବିଶେଷ ଜଣାନାହିଁ । ବର୍ଷର ବିଭିନ୍ନ ସମୟରେ ଥରକେ ଗୋଟିଏ କରି ଛୁଆ ହୁଏ । ଜନ୍ମ ବେଳେ ଛୁଆର କାତି ନରମ ଥାଏ । ଏମାନେ ବେଶ୍ ଶୀଘ୍ର ବଢ଼ନ୍ତି ।



୪୫ ସେ.ମି. ଲମ୍ବର ଗୋଟିଏ ବଜ୍ରକାପ୍ତା ଛୁଆ କେବଳ କ୍ଷୀର ଖାଉଥିଲା ଏବଂ ମାତ୍ର ତାରିମାସ ଭିତରେ ଦୁଇଗୁଣ ଆକାର ହୋଇଗଲା ।

ମା' ତା'ର ଲାଞ୍ଜ ଉପରେ ଛୁଆକୁ ବୋହିଥାଏ । ବିପଦର ସୂଚନା ପାଇଲେ ମା' ଗୁଡ଼ାଇ ହୋଇଯାଏ ଓ ଛୁଆ ତା' ପେଟ ତଳେ ରହିଯାଏ । ଉଭୟ ମାଇ ଓ ଅଣ୍ଡିରା ବଜ୍ରକାପ୍ତା ଛୁଆ ସହ ଗୋଟିଏ ଗାତ ଭିତରେ ରହିବାର ଦେଖାଯାଇଛି ।

ବାଦୁଡ଼ି

ଇଂରାଜୀ ନାମ: *ଫ୍ଲାଇଙ୍ଗ୍ ଫକ୍ସ* **ବିଜ୍ଞାନ ନାମ:** *ଟେରୋପସ୍ ଜାଇଗାଣ୍ଟିଅସ୍ ବ୍ରୁନିକ୍*

ଜେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

ଜ'ଣ ଖାଏ: ଫଳ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବା ୩୦ ସେ.ମି., ଡେଣାର ଚଉଡ଼ା ପ୍ରାୟ ୧୨୨ ସେ.ମି. ଓ ଓଜନ ୫୬୦-୬୨୫ ଗ୍ରାମ । ବଡ଼ ଆକାରର ଏହି ବାଦୁଡ଼ିକୁ ଚିହ୍ନିବାରେ ଅସୁବିଧା ହୁଏନାହିଁ । ମୁଣ୍ଡ ସାଧାରଣତଃ ଲାଲମିଶା ମାଟିଆ, ଥୋମଣି ଗାଢ଼ ରଙ୍ଗର, ବେଳେ ବେଳେ ପୂରା କଳା ହୋଇଥାଏ । ବେକ ପଛ ଏବଂ କାନ୍ଧ ଫିକା ହଳଦି ମିଶା ମାଟିଆ । ଥୋଡ଼ି, ବେକ, ପିଠି ଆଦି ଗାଢ଼ ଖଇରିଆ ବା କଳା ରଙ୍ଗର । ପେଟ ତଳ ହଳଦି ମିଶା ମାଟିଆ ଏବଂ ଡେଣା କଳା ।

ଭାରତରେ ଦେଖାଯାଉଥିବା ବାଦୁଡ଼ିମାନଙ୍କ ଭିତରେ ଆକାରରେ ଏମାନେ ସବୁଠାରୁ ବଡ଼ । ଏଗୁଡ଼ିକ ବଡ଼ ଦଳ ହୋଇ ରହନ୍ତି । ଗାଁ ବା ସହର ମଝିରେ ବି ଏମାନେ ଦେଖାଯା'ନ୍ତି । ଦିନ ବେଳେ ଗଛ ଉପରେ ମୁଣ୍ଡ ତଳକୁ କରି ଝୁଲୁଥା'ନ୍ତି ଓ ଚେଁ ଚାଁ ଶବ୍ଦ କରୁଥା'ନ୍ତି । ସନ୍ଧ୍ୟା ଆସିଲେ ସେମାନେ ଧୀରେ ଧୀରେ ଡେଣା ପିଟନ୍ତି । ପୂରା ଅନ୍ଧାର ହୋଇଗଲେ ବାହାରନ୍ତି ଏବଂ ସବୁବେଳେ ଏକା ଦିଗରେ ବସା

ଛାଡ଼ନ୍ତି । ଏମାନେ ତାଙ୍କ ଆଖପାଖ ଅଞ୍ଚଳର ଫଳ ବଗିଚା ସବୁର ଅବସ୍ଥିତି ଓ ସେଠାର ଫଳ ପାଚିବା ସମୟକୁ ମନେ ରଖିଥା'ନ୍ତି । ଫଳ ବଗିଚାରେ ପଶି ଏମାନେ ବହୁତ କ୍ଷତି କରନ୍ତି ।

ବର୍ଷକୁ ମାତ୍ର ଥରେ ଛୁଆ ଜନ୍ମ ହୁଏ । ମା' ପେଟରେ ୧୪୦-୧୫୦ ଦିନ ବଢ଼ିବା ପରେ ଫେବୃଆରୀରେ ଗୋଟିଏ ଛୁଆ ଜନ୍ମ ହୁଏ । ଏମାନଙ୍କୁ ଫଳ ବଗିଚା ପାଖରୁ ତଡ଼ିବାର ଯେତେ ଉପାୟ କଲେ ବି ଏମାନେ ଯାଆନ୍ତି ନାହିଁ ।



ଚେମେଣି

ଇଂରାଜୀ ନାମ: *ଇଣ୍ଡିଆନ୍ ପିପିଙ୍ଗେଲ୍* **ବିଜ୍ଞାନ ନାମ:** *ପିପିଙ୍ଗେଲସ୍ କରୋମାଣ୍ଡା* ଗ୍ରେ

କେଉଁଠି ଦେଖାଯାଏ: ବାଲେଶ୍ୱର, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲା

କ'ଣ ଖାଏ: ଛୋଟ ଜୀଟ **ସ୍ଥିତି:** ବିପଦମୁକ୍ତ

ଦେହର ଲମ୍ବ ପ୍ରାୟ ୪·୫ ସେ·ମି·, ଲାଞ୍ଜ ୩·୫ ସେ·ମି· । ଆଗ ଗୋଡ଼ ୨·୭-୩ ସେ·ମି· । ସାଧାରଣତଃ ଗାଢ଼ ବାଦାମୀ ରଙ୍ଗ, ପେଟ ତଳ ଅଦ୍ଧ ଫିକା । ଥୋମଣି ଗୋଜିଆ ହୋଇ ନଥାଏ ଓ ବୟସ୍କ ଚେମେଣିର ଥୋମଣିରୁ ଆଖି ଯାଏଁ ରୁମ ନଥାଏ । ମୁଣ୍ଡ ଉପର ଓ ଦୁଇ ଆଖି ଭିତରର କପାଳରେ ଗହଳିଆ ରୁମ ଥାଏ । ଜାନ ପ୍ରାୟ ତିନିକୋଣିଆ ଆକାରର ହୋଇଥାଏ ଓ ତା'ର ଉପର ଗୋଲ ହୋଇଥାଏ ।

ଚେମେଣି ବଡ଼ ବଡ଼ ଜୋଠା, ମନ୍ଦିର ଆଦି ଛାଡରୁ ଦଳ ଦଳ ହୋଇ ଝୁଲୁଥା'ନ୍ତି । ଗଛର ଫଟା ବକଳ ଭିତରେ ବି ଏମାନଙ୍କୁ ଦେଖାଯାଇଛି । ସନ୍ଧ୍ୟା ହେବା ମାତ୍ରେ ଉଡ଼ିବାକୁ ଆରମ୍ଭ କରନ୍ତି । ସବୁ ବାଦୁଡ଼ିଙ୍କ ଭିତରେ ଏମାନେ ସବୁଠାରୁ ଆଗ ବାହାରକୁ ବାହାରନ୍ତି । ରାତି ସାରା ବୁଲି ସକାଳ ହେଲା ବେଳକୁ ବିଶ୍ରାମ ନିଅନ୍ତି । ସେମାନେ ବେଶ୍ ଜୋରରେ ଓ ଏପଟ ସେପଟ ହୋଇ ଉଡ଼ନ୍ତି ଓ ବେଳେ

ବେଳେ ଖାଦ୍ୟ ଖୋଜିବା ପାଇଁ ଘରେ ପଶି ଯାଆନ୍ତି । ଏମାନେ ଛୋଟ ମାଛି ବହୁତ ଖାଆନ୍ତି ।

ଚେମେଣିର ବଂଶ ବିସ୍ତାର ବିଷୟରେ ବହୁତ କମ୍ ଜଣାଅଛି । ମେ ମାସରେ ଛୋଟ ଛୁଆ ଥିବାର ଓ ଗର୍ଭବତୀ ଚେମେଣି ସେପ୍ଟେମ୍ବର ମାସରେ ଦେଖାଯାଇଛି । ବର୍ଷକୁ ଦୁଇ ଥର ଛୁଆ ଜନ୍ମ ହେବାର ଅନୁମାନ କରାଯାଏ । ଥରକେ ସାଧାରଣତଃ ଦୁଇଟି ଛୁଆ ହୁଏ ।

ଏମାନଙ୍କ ଛଡ଼ା ଆହୁରି ୨୨ଟି ଜାତିର ଚେମେଣୀ ଓ ବାଦୁଡ଼ି ଓଡ଼ିଶାରେ ଦେଖାଯା'ନ୍ତି ।



ଛୋଟନାକ ବାଦୁଡ଼ି

ଇଂରାଜୀ ନାମ: *ସର୍ଟ ନୋଜ୍‌ଡ୍ ଫ୍ରୁଟ ବ୍ୟାଟ୍* **ବିଜ୍ଞାନ ନାମ:** *ସିନୋପ୍‌ଟେରସ୍ ଷ୍ଟିଙ୍କ୍‌ସ୍ ଭାଲ୍*

କେଉଁଠି ଦେଖାଯାଏ: ଓଡ଼ିଶାର ସବୁ ଅଞ୍ଚଳରେ

କ'ଣ ଖାଏ: ଫଳ, ଫୁଲରୁ ମହୁ **ସ୍ଥିତି:** ବିପଦମୁକ୍ତ

ଦେହ ଓ ମୁଣ୍ଡର ଲମ୍ବା ପ୍ରାୟ ୧୧-୧୨ ସେ.ମି., ଲାଞ୍ଜ ୧ ସେ.ମି., ଆଗ ଗୋଡ଼ ୭-୭.୫ ସେ.ମି.। ଦେହର ରଙ୍ଗ ମାଟିଆ ମିଶା ହଳଦିଆ ବା ଫିକା ଧୂସର ମାଟିଆ। ଅଣ୍ଡିରା ବାଦୁଡ଼ିର ବେକ ଚାରିପଟେ ଗୋଟିଏ ଉଜଳ ଲାଲମିଶା ମାଟିଆ ରଙ୍ଗର ଗୋଲ ଦାଗ ଥାଏ। କାନ ଦୁଇଟି ବେଶ୍ ବଡ଼।

ଏମାନେ ବେଶ୍ ସଂଖ୍ୟାରେ ଅଛନ୍ତି, କିନ୍ତୁ ସାଧାରଣ ବାଦୁଡ଼ିଙ୍କ ଭଳି ଏତେ ସହଜରେ ଦେଖାଯାଆନ୍ତି ନାହିଁ। ଏମାନେ ଏକା ବା ଦଳ ହୋଇ ତାଳଗଛର ପତ୍ର ବା ବର ଓହଳ ଭିତରେ କିମ୍ବା ଗଛ କୋରଡ଼ରେ ରହନ୍ତି। ଭଙ୍ଗା ଘର ଏବଂ ଗୁମ୍ଫାମାନଙ୍କରେ କେବଳ ଏହି ଜାତିର ବାଦୁଡ଼ି ହିଁ ଦେଖାଯାଆନ୍ତି।

ସନ୍ଧ୍ୟା ହେଉ ହେଉ ଏହି ବାଦୁଡ଼ିମାନେ ଖାଇବା ପାଇଁ ବାହାରି ଯାଆନ୍ତି। ଏମାନେ ମୁଖ୍ୟତଃ ଫଳ ଖାଆନ୍ତି। ଫୁଲରୁ ଫୁଲ ଉଡ଼ି ତା' ଉପରେ ନବସି ସେମାନେ ମହୁ ଶୋଷିପାରନ୍ତି। ପାଚିଲା ଫଳ

ବସାକୁ ନେଇଯାଇ ଆରାମରେ ଖାଆନ୍ତି। ପରାଗସଙ୍ଗମ ଏବଂ ବୀଜ ବିକ୍ଷେପରେ ଏମାନେ ବହୁତ ସାହାଯ୍ୟ କରନ୍ତି। କିନ୍ତୁ ଫଳ ବଗିଚାର ଅନେକ କ୍ଷତି କରନ୍ତି। ତେଣୁ ଏମାନଙ୍କର ଦ୍ୱାରା ଲାଭ ଅପେକ୍ଷା କ୍ଷତି ବେଶୀ ହୁଏ।

ଛୋଟନାକ ବାଦୁଡ଼ିର ବଂଶ ବିସ୍ତାର ବିଷୟରେ ବିଶେଷ କିଛି ଜଣା ନାହିଁ। ବୋଧହୁଏ ମାର୍ଚ୍ଚ ଓ ସେପ୍‌ଟେମ୍ବରରେ ବର୍ଷକୁ ଦୁଇଥର ଛୁଆ ହୁଏ। ୧୧୫-୧୨୫ ଦିନ ମା' ପେଟରେ ବଢ଼ିବା ପରେ ଛୁଆ ଜନ୍ମ ହୁଏ।



ହଳଦିଆ ବାଦୁଡ଼ି

ଇଂରାଜୀ ନାମ: *କମନ୍ ଫେଲୋ ବ୍ୟାଟ୍* **ବିଜ୍ଞାନ ନାମ:** *ସ୍କୋଟୋଫିଲସ୍ ହିଆଥି ହର୍ସଫିଲ୍ଡ*

ଜେଉଁଠି ଦେଖାଯାଏ: ବାଲେଶ୍ୱର, କଟକ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା

କ'ଣ ଖାଏ: ଛୋଟ କୀଟ, ଝିଡ଼ିପୋକ **ସ୍ଥିତି:** ବିପଦମୁକ୍ତ

ଦେହ ଓ ମୁଣ୍ଡର ଲମ୍ବ ପ୍ରାୟ ୭·୫ ସେ·ମି·, ଲାଞ୍ଜ ୫ ସେ·ମି·, ଆଗ ଗୋଡ଼ର ଲମ୍ବ ୫·୫–୬·୫ ସେ·ମି· । ଦେହର ରଙ୍ଗ ପିଠି ପଟେ ହଳଦି ମିଶା ମାଟିଆ ହୋଇଥାଏ । ପେଟତଳ ହଳଦିଆ ରଙ୍ଗର ହୋଇଥାଏ । ପେଟତଳ ଲାଲ ହୋଇଥିବାର ମଧ୍ୟ ଦେଖାଯାଏ । ଅନେକ ପ୍ରକାରର ଆକାର ଓ ରଙ୍ଗ ଦେଖାଯାଏ

ଏମାନେ ବହୁତ ଖାଆନ୍ତି । ଛାତର ଫାଟ, କଣା, ଶେଣୀ, ଓରା ଆଦିରେ ରହନ୍ତି । ଏମାନେ ଛୋଟ ଦଳ ଜରି ରହନ୍ତି । ରାତିରେ ବାହାରକୁ ବାହାରନ୍ତି । ରାତିରେ ଥରେ ଶିକାର କରିସାରିବା ପରେ ଆଉ ଥରେ ଶିକାର କରିବା ମଝିରେ ଅଧିକାଂଶ ସମୟ ନିଜ ନିଜ ଭିତରେ ଜୋର ଶବ୍ଦ କରି ଝଗଡ଼ା କରୁଥା'ନ୍ତି । ପୁରୁଣା ଘର, ମନ୍ଦିର ଆଦିର ଛାତ ପାଖରେ ଥାଇ ଏଗୁଡ଼ିକ ଚେଁ ଚେଁ ଶବ୍ଦ କରୁଥିବା ଶୁଣିଥିବା । ଏହି ଶବ୍ଦ ତାଙ୍କ ଝଗଡ଼ାର ଶବ୍ଦ । ଭାରତର ଉତ୍ତର ଅଞ୍ଚଳରେ ଏହି ଜାତିର ବାଦୁଡ଼ି ଶୀତରୁ ରକ୍ଷା ପାଇବା ପାଇଁ ଶୀତନିଦ୍ରା ଯାଆନ୍ତି ।

ଏମାନଙ୍କ ବଂଶବିସ୍ତାର ବିଷୟରେ ବିଶେଷ କିଛି ଜଣାନାହିଁ । ସାଧାରଣତଃ ଜୁନ-ଜୁଲାଇରେ ଛୁଆ ହୁଏ ବୋଲି ଅନୁମାନ କରାଯାଏ ଓ ଥରକେ ଦୁଇଟି ଛୁଆ ହୁଏ । ଛୁଆ ମା' ପେଟରେ କେତେ ଦିନ ଧରି ବଢ଼େ ସେ ବିଷୟରେ ଜଣାନାହିଁ ।





ଶେଷକଥା

ଜୀବଜଗତର ଆହୁରି ଅନେକ ଜୀବ ରହିଛନ୍ତି । ସେମାନଙ୍କ ବିଷୟରେ କେତେ କେତେ ଅକୁହା କଥା ରହିଯାଇଛି । ପ୍ରତିଟି ଜୀବର ଚାଲିଚଳଣ, ଖାଦ୍ୟ, ବଂଶବିସ୍ତାରର ବାଟ ଅନ୍ୟ ଜୀବଠାରୁ ଅଲଗା । ପୁଣି ସେଇ ଏକା ଜାତିର ଜୀବ ଅଲଗା ପରିସ୍ଥିତିରେ ରହିଲେ ବି ତା'ର ଚାଲିଚଳଣ ବଦଳି ଯାଉଛି । ତେଣୁ ଏମାନଙ୍କର ଜୀବନ କଥା ହେଉଛି ଗୋଟିଏ ଗୋଟିଏ ବଡ଼ ବହି ଭଳି । ଯେତେ ପଢୁଥିଲେ ବି ନୂଆ ନୂଆ କଥା ସେଥିରୁ ବାହାରୁଥିବ ।

ଓଡ଼ିଶାରେ ଦେଖାଯାଉଥିବା ସ୍ତନ୍ୟପାୟୀଙ୍କ ବିଷୟରେ ଏକ ପ୍ରାରମ୍ଭିକ ପରିଚିତି ଆଣିବା ହେଉଛି ଏ ବହିଟିର ମୂଳ ଲକ୍ଷ୍ୟ । ବଣୁଆ ଜୀବଙ୍କର ରହସ୍ୟମୟ ଚଳଣି ବିଷୟରେ ଜ୍ଞାନ ବଢ଼ାଇବା, ସେମାନଙ୍କ ପ୍ରତି ଆଗ୍ରହ ସୃଷ୍ଟି କରିବା, ତାଙ୍କର ବି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିବାର ଧାରଣା ଆଣିବା ଏହି ଲକ୍ଷ୍ୟର ଅଂଶ । ତେଣୁ ଏଥିରେ ଗାଈ, ଛେଳି, ଘୋଡ଼ା, କୁକୁର, ବିଲେଇ ଭଳି ଘରେ ପୋଷାଯାଉଥିବା ଜୀବଜନ୍ତୁଙ୍କ ବିଷୟରେ କିଛି ଲେଖାନାହିଁ ।

ଆଶା କରୁଛୁ ବହିଟି ପଢ଼ିସାରିବା ପରେ କୁନି ଠେକୁଆ ହେଉ, ମୂଷା, ଚୁଚୁନ୍ଦ୍ରା ବା ବାଘ, ଭାଲୁ ହୁଅନ୍ତୁ ସମସ୍ତଙ୍କ ପ୍ରତି କିଛିଟା ଆଗ୍ରହ ସୃଷ୍ଟି ହୋଇଥିବ । ଆଗକୁ କେବେ ଜଙ୍ଗଲ ଗଲେ ବା ଚିଡ଼ିଆଖାନା ଗଲେ ଏମାନଙ୍କ ବିଷୟରେ ଆହୁରି ଅଧିକା କଥା ଜାଣିବା ପାଇଁ ବହିଟି ପ୍ରେରଣା ଯୋଗାଇବ ।

ପ୍ରାକୃତିକ ସମ୍ପଦଭରା ଓଡ଼ିଶାରେ ଅନେକ ଜାତିର ବନ୍ୟପ୍ରାଣୀ ଦେଖାଯାଆନ୍ତି । ଏମାନଙ୍କ ଭିତରୁ କିଏ ବିପନ୍ନ ତ କିଏ ସମ୍ଭାବ୍ୟ ବିପନ୍ନ । ପୁଣି ଆଉ କିଏ ଏବେ ବିପଦମୁକ୍ତ ଅଛନ୍ତି । ଏମାନଙ୍କ ଭିତରୁ ଅନେକଙ୍କୁ ଚିଡ଼ିଆଖାନାରେ ଦେଖିହୁଏ । ଓଡ଼ିଶାରେ ଦେଖାଯାଉଥିବା ମୁଖ୍ୟ ସ୍ତନ୍ୟପାୟୀଙ୍କ ସହିତ ପ୍ରାରମ୍ଭିକ ପରିଚିତି ଆଣିବା ଏବଂ ଜୀବଜନ୍ତୁ ତଥା ପ୍ରକୃତି ପ୍ରତି ଆଗ୍ରହ ଓ ଦରଦ ବଢ଼ାଇବା ଲକ୍ଷ୍ୟରେ ଏହି ବହିଟି ତିଆରି ।

ସୃଜନିକା

ମୂଲ୍ୟ: ୫୩୦·୦୦